# ଛାଇ

## ସୁରକ୍ଷିତ ଜଳ ଓ ନିର୍ମଳ ପରିବେଶ ପାଇଁ ଟିକି ପ୍ରୟାସମାନଙ୍କର ଏକ ସଙ୍କଳନ



RCDC

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

WaterAid



# ଛାଇ

## ସୁରକ୍ଷିତ ଜଳ ଓ ନିର୍ମଳ ପରିବେଶ ପାଇଁ ଟିକି ପ୍ରୟାସମାନଙ୍କର ଏକ ସଙ୍କଳନ

RCDC
ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
WaterAid

# ଛାଇ

ସୁରକ୍ଷିତ ଜଳ ଓ ନିର୍ମଳ ପରିବେଶ ପାଇଁ
ଟିକି ପ୍ରୟାସମାନଙ୍କର ଏକ ସଙ୍କଳନ


**ସମ୍ପାଦନା**
ବିମଳ ପ୍ରସାଦ ପାଣ୍ଡିଆ
ଦିଲ୍ଲୀପ କୁମାର ସୁବୁଦ୍ଧି

**ତଥ୍ୟ**
ହେମନ୍ତ ନାୟକ, ରବି ନାରାୟଣ ପରିଡ଼ା, ତେଜରାଜ ପଟେଲ
ରସାନନ୍ଦ ପୁଟେଲ, ତେଜସ୍ୱିନୀ ନାୟକ, ଆଶିଷ ଖମାରୀ
ଦେବରାଜ ଭୋଇ

**ଅଳଙ୍କରଣ**
ରାମକୃଷ୍ଣ ମହାରଣା
ଭାଗ୍ୟରଥି ସାହୁ

**ପ୍ରଚ୍ଛଦ ଫଟୋ**
ଦିଲ୍ଲୀପ କୁମାର ସୁବୁଦ୍ଧି

**ପ୍ରକାଶକ**
ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

**ସହାୟତା**
ୱାଟରଏଡ୍ (ୟୁ.କେ), ଭାରତ

**ପ୍ରକାଶନ ବର୍ଷ**
ମାର୍ଚ୍ଚ ୨୦୧୫



ଏହି ସଙ୍କଳନଟି ଜନସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶିତ। ଏହାକୁ ବ୍ୟବହାର ପାଇଁ ପ୍ରକାଶକଙ୍କ ଠାରୁ ପୂର୍ବ ଅନୁମତି ଆବଶ୍ୟକ ନୁହେଁ। କିନ୍ତୁ ଏଥିରେ ଥିବା ତଥ୍ୟକୁ ଅନ୍ୟ ପ୍ରକାଶନ ବା ଅଧ୍ୟୟନ ଇତ୍ୟାଦି ପାଇଁ ବ୍ୟବହାର କରାଗଲେ ତାହା ବିଷୟରେ ପ୍ରକାଶକଙ୍କୁ ଜଣାଇବା ପାଇଁ ଅନୁରୋଧ।



**Regional Centre for Development Cooperation**
HIG-26, K- Housing Scheme, Phase-II, Kalinga Vihar,
Bhubaneswar-751019, Odisha, India
Tele-fax: +91 (674) 2475410, 2475652
E-mail: rcdcbbsr@gmail.com
Website: www.rcdcindia.org


# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଆମ ପାଣି | ୭ |
| ୨. | ଚହକୋପଡ଼ାର ଉଲ୍ଲାସ | ୧୦ |
| ୩. | ସ୍ୱଚ୍ଛ ନୂଆପଡ଼ା ଅଭିଯାନ | ୧୨ |
| ୪. | ରେଙ୍ଗର ରଙ୍ଗ ବଦଳିଲା | ୧୪ |
| ୫. | ପରିତ୍ୟକ୍ତ କୂଅ ହୋଇଗଲା ପରିମଳ କୂଅ | ୧୭ |
| ୬. | ପାଇପ୍‌ରେ ଫାଟ | ୧୯ |
| ୭. | ଧୀରେ ଧୀରେ ବଦଳୁଛି ପରିମଳ ଧାରା | ୨୧ |
| ୮. | ଗନିଆପଡ଼ାବାସୀ ଗୁଣ ଜାଣିଲେଣି | ୨୨ |
| ୯. | ଆମେ ବି ଚିହ୍ନିଜାଣୁ ପାଣି | ୨୪ |
| ୧୦. | ଛାତ୍ରଛାତ୍ରୀ ଦେଉଛନ୍ତି ପରିମଳ ବାର୍ତ୍ତା | ୨୭ |
| ୧୧. | ବାଟ ଦେଖାଇବ ଜଳ ସୁରକ୍ଷା ଯୋଜନା | ୨୯ |
| ୧୨. | ନିଆରା ଗୋଷ୍ଠୀ ସଂଗଠନ : ଗ୍ରାମ୍ୟ ଜଳ ଓ ପରିମଳ କମିଟି | ୩୦ |
| ୧୩. | ନିଆରା ବନ୍ଧୁ – ଜଳବନ୍ଧୁ | ୩୦ |

# ମୁଖବନ୍ଧ



ଜଳ ବିନା ବଞ୍ଚିବା ନାହିଁ ବୋଲି ଆମେ ସମସ୍ତେ ଜାଣିଛୁ କିନ୍ତୁ ଉନ୍ନତ ପରିମଳ ବିନା ବଞ୍ଚିବା ନାହିଁ ବୋଲି ଆମେ ସମସ୍ତେ ଜାଣିଥିଲେ ମଧ୍ୟ ସେଥି ପ୍ରତି ଯଥାଯୋଗ୍ୟ ଗୁରୁତ୍ୱ ଆଦୌ ଦେଇ ନାହୁଁ। ଅନ୍ତତଃ ଭାରତରେ ତାହା ହୋଇ ନ ଥିଲା । ଆବଶ୍ୟକୀୟ ମାତ୍ରାର ପାଣି ନ ପାଇଲେ ଲୋକେ ମରିବେ, ରୁଗ୍‌ଣ ହେବେ । ସେହିଭଳି ଆବଶ୍ୟକୀୟ ମାନର ବା ଭଲ ପାଣି ନ ପାଇଲେ ବି ଲୋକେ ମରିବେ ଓ ରୁଗ୍‌ଣ ହେବେ । ସୁଖର କଥା ଏବେ ଧିରେଧିରେ ଲୋକଙ୍କ ଓ ସରକାରଙ୍କ ଦୃଷ୍ଟି ଖାଲି ପାଣିରୁ ଭଲ ପାଣି ଆଡ଼କୁ ଯିବାରେ ଲାଗିଛି । ଭଲ ପାଣି ଖୋଜିବାର ପ୍ରୟାସ କରିବା ପାଇଁ ଆମେ ବାଧ୍ୟ ହୋଇଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଆମ ପାଖରେ ଥିବା ବିଭିନ୍ନ ଜଳ ଉତ୍ସ ଓ ସ୍ରୋତ ବିଭିନ୍ନ ଭାବରେ ପ୍ରଦୂଷିତ ହୋଇ ଚାଲିଛି । ଅଧିକାଂଶ ପ୍ରଦୂଷଣ ମନୁଷ୍ୟକୃତ । ତେଣୁ ମଣିଷକୁ ହିଁ ତାହାର ଉପାୟ ଖୋଜିବାକୁ ହେବ ।

ପାନୀୟ ଜଳରେ ଜୀବାଣୁ ଓ ମଇଳାଜନିତ ପ୍ରଦୂଷଣ ବିଷୟରେ ଆମେ ଅଳ୍ପବହୁତେ ପାଠରେ ପଢିଥିଲେ ମଧ୍ୟ ଜଳର ରାସାୟନିକ ପ୍ରଦୂଷଣ ବିଷୟରେ କିନ୍ତୁ ବିଶେଷ କିଛି ସଚେତନତା ନାହିଁ। କିନ୍ତୁ ଏବେ ଆଉ ଅସଚେତନ ହୋଇ ରହିବାର ବିଶେଷ ସୁଯୋଗ ନାହିଁ କାରଣ ଜଳରେ ରାସାୟନିକ ପ୍ରଦୂଷଣର ମାତ୍ରା ଭୟଙ୍କର ଭାବରେ ବଢ଼ିବଢ଼ି ଚାଲିଛି । ବିଶେଷ କରି ଭୂତଳ ଜଳରେ ଅଧିକରୁ ଅଧିକ ରାସାୟନିକ ପ୍ରଦୂଷଣ ବାହାରିବା ଏବେ ଚିନ୍ତାର ବିଷୟ ହେଲାଣି । ଆମ ରାଜ୍ୟ ଏପରିକି ଆମ ଦେଶର ଗ୍ରାମାଞ୍ଚଳରେ ଥିବା ବସତିମାନଙ୍କୁ ଶୀଘ୍ର ଓ ସୁବିଧାରେ ପାନୀୟ ଜଳ ଯୋଗାଇ ଦେବାପାଇଁ ସରକାର ଭୂତଳ ଜଳ ଆଧାରିତ ନଳକୂପ ଉପରେ ବିଗତ ବର୍ଷମାନଙ୍କରେ ଖୁବ୍ ଗୁରୁତ୍ୱ ଦେଇଥିଲେ । ଭୂତଳ ଜଳକୁ ମୂଳତଃ ସ୍ୱଚ୍ଛ ଓ ସୁରକ୍ଷିତ ବୋଲି ଧରି ନିଆଯାଇଥିଲା । ଏବେ କିନ୍ତୁ ତାହା ପୁରା ଭୁଲ ନ ହେଲେ ବି ପୁରା ଠିକ୍ ନୁହେଁ ବୋଲି ଜଣା ପଡ଼ିଲାଣି । ରାଜ୍ୟର ସବୁ ଅଞ୍ଚଳର ଭୂତଳ ଜଳଉତ୍ସରେ ଲୌହ ପ୍ରଦୂଷଣର ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଅନେକ ସ୍ଥାନରେ ଅନ୍ୟ ରାସାୟନିକ ପ୍ରଦୂଷଣ ଥିବା ଜଣା ପଡ଼ିଲାଣି । ତେବେ ଭୂତଳ ଜଳରେ ଫ୍ଲୋରାଇଡ ସବୁଠାରୁ ଚିନ୍ତା ଉଦ୍ରେକକାରୀ ପ୍ରଦୂଷଣ ଭାବରେ ଉଭା ହୋଇଛି । ରାଜ୍ୟର ନୂଆପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ଅନ୍ୟ ଜିଲ୍ଲାମାନଙ୍କରେ ଅନେକ ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ଉତ୍ସରେ ଅତିରିକ୍ତ ଫ୍ଲୋରାଇଡ୍ ଥିବା ଜଣା ପଡ଼ିଲାଣି । ଗାଁଗହଳିରେ ଅଧିକରୁ ଅଧିକ ସଂଖ୍ୟାରେ ଫ୍ଲୋରୋସିସ୍ ରୋଗୀ ଚିହ୍ନଟ ହେବାରେ ଲାଗିଛନ୍ତି । ଦୁଃଖର କଥା ଯେ ଫ୍ଲୋରୋସିସ୍ ଏକ ମାରାତ୍ମକ ବ୍ୟାଧି ଏବଂ ଏହାର ସଠିକ ଉପଚାର ଏଯାଏ ବାହାରି ପାରିନାହିଁ ।

ଏହିଭଳି ସମସ୍ୟାକୁ ମୁକାବିଲା କରିବା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମ ସବୁ ଆରମ୍ଭ ହୋଇଛି । ନୂଆପଡ଼ା ଭଳି ଜିଲ୍ଲାରେ ଭୂତଳ ଜଳ ବଦଳରେ ଭୂ-ପୃଷ୍ଠ ଉତ୍ସରୁ ସ୍ୱଚ୍ଛ ଓ ସୁରକ୍ଷିତ ଜଳ ଯୋଗାଇଦେବା ପାଇଁ ସରକାର ବିଶାଳ ପାଇପ ଜଳ ଯୋଗାଣ ପ୍ରକଳ୍ପର ଯୋଜନା କରିଛନ୍ତି । ସେହିଭଳି ଯୋଜନାକୁ ମୋଟାମୋଟି ଭାବରେ ସ୍ୱାଗତ କରାଗଲେ ମଧ୍ୟ ତାହା ସହିତ ଅନେକ ସମସ୍ୟା ଜଡ଼ିତ ରହିଥାଏ । ବିଶେଷକରି ଯୋଜନାରେ ଲୋକଙ୍କର ଓ ପଞ୍ଚାୟତମାନଙ୍କର ଭାଗିଦାରୀ; ଗରିବ ଅବହେଳିତ ଲୋକଙ୍କ ସେବା ହାସଲ ସାମର୍ଥ୍ୟ ; ତଥା ଯୋଜନାଗୁଡ଼ିକର ଚିରନ୍ତନତା ନେଇ ସନ୍ଦେହ ବଳବତ୍ତର ରହିଛି ।

ଏମିତି ସ୍ଥିତିରେ ଗତ ୨୦୧୨-୧୩ ମସିହାରୁ ନୂଆପଡ଼ା ଜିଲ୍ଲାରେ ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ (ଆର୍‌ସିଡିସି) ଦ୍ୱାରା ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି । ଏହି ପ୍ରକଳ୍ପ ପାଇଁ ଆନ୍ତର୍ଜାତୀୟ ସଂସ୍ଥା 'ୱାଟର ଏଡ୍' ଆର୍ଥିକ ଓ ବୌଦ୍ଧିକ ସହାୟତା ଯୋଗାଇ ଦେଉଛି । ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜଳ ଯୋଗାଣ ଓ ପରିମଳ ସହିତ ଜଡ଼ିତ ଅଂଶୀଦାରଙ୍କ ସାମର୍ଥ୍ୟର ବିକାଶ କରିବା ସହିତ ତାଙ୍କ ମଧ୍ୟରେ ଏକ ସଂସ୍ଥାନିକ ଯୋଗସୂତ୍ରର ମାର୍ଗ ବାହାର କରିବା, ଯାହାଦ୍ୱାରା ସରକାରୀ ଯୋଜନାରେ ଲୋକଙ୍କ ମତାମତ ସ୍ଥାନ ପାଇପାରିବ, ଯାହାଦ୍ୱାରା ଲୋକେ ଅଧିକ ମାତ୍ରା ଓ ମାନରେ ଭାଗୀଦାର ହେବେ ଏବଂ ପାନୀୟ ଜଳ ପ୍ରକଳ୍ପ ଓ ଉତ୍ସଗୁଡ଼ିକର ଚିରନ୍ତନତା ବଢ଼ିବ ।

ଏହି ପୁସ୍ତିକାଟି ବିଗତ ବର୍ଷରେ ହାସଲ ହୋଇଥିବା ଅନେକ ଛୋଟଛୋଟ ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟା ଓ ଅଭିଜ୍ଞତାରୁ କିଛି ସାଉଁଟିବାର ପ୍ରୟାସ କରିଛି । ବିଶେଷକରି ଗାଁର ଲୋକେ ଯାହା ନିଜ ପ୍ରଚେଷ୍ଟାରେ କରିଛନ୍ତି ତାହାକୁ ଅଧିକ ଗୁରୁତ୍ୱ ଦେଇ ସ୍ଥାନୀତ କରିବାର ଚେଷ୍ଟା କରିଛୁ। ଯେହେତୁ ପୁସ୍ତିକାଟି ଲୋକଙ୍କ ପ୍ରଚେଷ୍ଟା ଓ ଅନୁଭୂତିର ଏକ ପ୍ରତିଫଳନ ତେଣୁ ଆମେ ତାହାକୁ 'ଛାଇ' ବୋଲି ନାମିତ କରିଛୁ। ଏହି ପୁସ୍ତିକା ଗ୍ରାମବାସୀ ଓ ଅନ୍ୟ ଅଂଶୀଦାରଙ୍କୁ ଅଧିକ ଉଦ୍‌ବୁଦ୍ଧ କରିବା ସହିତ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ ବୋଲି ଆଶା ।

**କୈଳାସ ଚନ୍ଦ୍ର ଦାଶ**

(କାର୍ଯ୍ୟନିବାହୀ ନିର୍ଦ୍ଦେଶକ)



# ଆମ ପାଣି

**ଗାଁରେ ଥିବା ଦୁଇଟା ନଳକୂଅର ପାଣି ପିଇ ସୁଧୁ ଗରିବ ଆଦିବାସୀ ବସତିର ସମସ୍ତ ପରିବାରରେ ଏବେ ଫ୍ଲୋରୋସିସ ରୋଗୀ। ପାଣିର ମାନ ସଚେତନ ହୋଇଥିବା ଏହି ଗାଁର ଲୋକେ ସରକାରୀ ବିକଳ୍ପକୁ ଅପେକ୍ଷା ନ କରି ନିଜ ଅର୍ଥ ଓ ପରିଶ୍ରମରେ କୂଅ ଖୋଳି ନିଜ ପାଇଁ ଯୋଗାଡ଼ କରିପାରିଛନ୍ତି ସ୍ୱଚ୍ଛ ଓ ସୁରକ୍ଷିତ ଜଳ।**

ରାଧା ମାଝୀ ଯୋଉଠି ରୋଷେଇ କରନ୍ତି, ସେଇଠୁ ମୋଟେ କେଇ ହାତ ଦୂରରେ ଅଛି ନଳକୂଅ। କିନ୍ତୁ ବର୍ଷେ ହେଲାଣି ରାଧା ସେଇଠୁ ପାଣି ଆଣିବା ଛାଡ଼ି ଦେଇଛନ୍ତି। ଏବେ କାଖରେ ଓ ମୁଣ୍ଡରେ ଗରା ବୋହି ସେ ପାଣି ଆଣୁଛନ୍ତି ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ଏକ ଖୋଲା କୂଅରୁ। ସିଏ ପୁଣି ଗରିଏ କି ଦି ଗରିଆ ନୁହଁ। ଅତି କମ୍‌ରେ ତିନି ଥର ତାଙ୍କୁ ପାଣି ଆଣିବାକୁ ପଡ଼ିଥାଏ- ରୋଷେଇ ପାଇଁ ଏବଂ ପିଲାଙ୍କ ଶୋଷକୁ ମେଣ୍ଟାଇବା ପାଇଁ। ରାଧା ନୂଆପଡ଼ା ଜିଲ୍ଲାର ସାଇପଲା ପଞ୍ଚାୟତର ପିପଲଛେଣ୍ଡି ଗ୍ରାମର ପଡ଼ାଗ୍ରାମ ଡୁଙ୍ଗୁରିପଡ଼ାର ପ୍ରବେଶ ମୁଣ୍ଡରେ ଥିବା ସରକାରୀ ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ କରନ୍ତି। ରାଧାଙ୍କ କଷ୍ଟ ଖୁବ୍ ବଢିଛି। କିନ୍ତୁ ତାଙ୍କ ମୁହଁରେ ଟିକିଏ ବି ଫେରାଦି ଭାବ ନାହିଁ, ଓଲଟି ଅଛି ତୃପ୍ତି, ସନ୍ତୋଷର ଭାବ। ତାଙ୍କୁ ବିଦ୍ୟାଳୟର ହତା ଭିତରେ ଥିବା ନଳକୂଅର ପାଣି ମନା ହୋଇ ନାହିଁ। କିନ୍ତୁ ନଳକୂଅର ପାଣି ବିଷୟରେ ଜାଣିବା ପରେ ଏବଂ ଗାଁରେ ବିଭିନ୍ନ ଲୋକଙ୍କ ଯନ୍ତ୍ରଣାର କାରଣ ବୁଝିବା ପରେ ନିଜ ଇଚ୍ଛାରେ ସେ ପାଣି ଆଣୁଛନ୍ତି ଗାଁର ଆର ମୁଣ୍ଡରୁ ୨୦୦ ମିଟର ଦୂରରେ ଥିବା କୂଅରୁ। ସେଇ କୂଅର କାହାଣୀ ବି କମ୍ ନୁହେଁ। ତାହାର ଆରମ୍ଭ ହୋଇଛି ଲୋକଙ୍କ ବିକଳାଙ୍ଗ ଜନିତ ଯନ୍ତ୍ରଣାରୁ ଓ ଯନ୍ତ୍ରଣାର କାରଣ ଅନୁଧ୍ୟାନରୁ। କୂଅଟିର ରୂପାୟନ ହୋଇଛି ସେହି ଡୁଙ୍ଗୁରିପଡ଼ା ଗ୍ରାମବାସୀଙ୍କ ଶ୍ରମଦାନ, ଅର୍ଥଦାନ ଓ ଯନ୍ତ୍ରଣାକୁ ନିଜ ଉଦ୍ୟମରେ ଜିଣିବାର ପଣରୁ।

ସେହି ପଣ କରିଥିଲେ ଗ୍ରାମର ପ୍ରତ୍ୟେକ ଜଣ। ପ୍ରଥମ ପଣ ଥିଲା ଗାଁରେ ଥିବା ନଳକୂଅକୁ ପରିତ୍ୟାଗ କରିବେ। ସେହିଭଳି ପଣ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ ମାଳତୀ ମାଝୀଙ୍କ ଭଳି ମା। "ଆମ ଗାଁର ସମସ୍ତଙ୍କ ଘରେ ଏମିତି ରୋଗୀ ଅଛନ୍ତି ଯାହାଙ୍କର ଆଣ୍ଠୁ, ଅଣ୍ଟା ବଙ୍କା ହୋଇ ସାରିଛି। ଯୁବକଯୁବତୀମାନେ ବୃଦ୍ଧବୃଦ୍ଧା ଭଳି ଦିଶୁଛନ୍ତି। ଆମେ ଯାହାକୁ ଏଯାଏ ବାତ ବୋଲି ଭାବୁଥିଲୁ ତାହା ବାତ ନୁହେଁ ଫ୍ଲୋରୋସିସ ରୋଗ ଯାହା ଅତ୍ୟଧିକ ଫ୍ଲୋରାଇଡ୍ ପାଣି ବ୍ୟବହାରର ଫଳ ବୋଲି ଜାଣି ନଥିଲୁ", କହନ୍ତି ମାଳତୀ ଦେବୀ। ମାଳତୀଙ୍କ ବେଦନାରେ ଟିକିଏ ବି ଅତିରିକ୍ତତା ନାହିଁ। ଛୋଟ ୧୩ ପରିବାର ବିଶିଷ୍ଟ ତାଙ୍କ ଆଦିବାସୀ ଗାଁର ଜନସଂଖ୍ୟା ୬୦। ତାଙ୍କ ମଧ୍ୟରୁ ୨୧ ଜଣଙ୍କ ଦେହରେ ରହିଛି ଅସ୍ଥିଗତ ଫ୍ଲୋରୋସିସ୍ ରୋଗର ସମସ୍ତ ଲକ୍ଷଣ। କିଛି ବ୍ୟକ୍ତି ତ ସମ୍ପୂର୍ଣ୍ଣ ବିକଳାଙ୍ଗ ହୋଇ ସାରିଲେଣି। ଆଶ୍ଚର୍ଯ୍ୟର କଥା ଓଡ଼ିଶାର ନୂଆପଡ଼ା ଜିଲ୍ଲାରେ ନଳକୂଅ ପାଣିରେ ଫ୍ଲୋରାଇଡ୍ ଅଧିକ ଅଛି ବୋଲି ସାରା ରାଜ୍ୟ, ସାରା ଦେଶ ଜାଣି ସାରିଥିଲେ ସୁଦ୍ଧା ଏହି ଗ୍ରାମବାସୀଙ୍କ ପାଇଁ ତାହା ଥିଲା ଅଜଣା। ଏବେ କିନ୍ତୁ ଗ୍ରାମର ମଧ୍ୟ ବୟସ୍କା ଆପାଠୁଆ ଗୃହିଣୀ ଫାଲଗୁନି ମାଝୀ ବି ଫ୍ଲୋରୋସିସ୍ ରୋଗ ଓ ଫ୍ଲୋରାଇଡ୍ ଅଧିକ ଥିବା ପାଣି ବିଷୟରେ ପୂର୍ଣ୍ଣ ସଚେତନ। "୨୦୧୩ ମସିହାରେ ଆରସିଡିସିର କର୍ମୀମାନେ ବାରମ୍ବାର ଆସି ଆମକୁ ଫଟୋ ଭିଡିଓ ଦେଖାଇଲେ। ଆମେ ସଭାମାନଙ୍କରେ ବି ଯୋଗଦେଲୁ। ସେଥିରୁ ଆମେ ଆମ ଭଳି ରୋଗୀଙ୍କୁ ଦେଖିଲୁ ଓ କାରଣ ଜାଣିଲୁ। ଗାଁର ଦୁଇଟା ଯାକ ନଳକୂଅ ପାଣିକୁ ନିଜେ ପରୀକ୍ଷା କଲୁ। ଗାଁର ମଝିରେ ଦୂଲାରସାଇ ମାଝୀଙ୍କ ଘର ଆଗରେ ଥିବା ନଳକୂଅ ପାଣିରେ ଲିଟର ପ୍ରତି ୫ ମିଲିଗ୍ରାମ୍ ଓ ସ୍କୁଲ ହତାରେ ଥିବା ନଳକୂଅ ପାଣିରେ ୨ ମିଲିଗ୍ରାମ୍ ଫ୍ଲୋରାଇଡ୍ ଥିବା ଜାଣିଲୁ। ଜାଣିବା ପରେ ନଳକୂଅ ପାଣିକୁ ବ୍ୟବହାର କରିବାର ପ୍ରଶ୍ନ ହିଁ ନଥିଲା", ସୂଚନା ଦିଅନ୍ତି ଫାଲଗୁନୀ ଦେବୀ।

ପାଣିରେ ଫ୍ଲୋରାଇଡ୍ ଓ ଶରୀରରେ ଫ୍ଲୋରୋସିସ୍ ରୋଗ ବିଷୟରେ ଜାଣିବା ତଥା ନଳକୂଅ ପାଣି ବ୍ୟବହାର ନ କରିବାର ନିଷ୍ପତ୍ତି କେବଳ ଆରମ୍ଭ ଥିଲା। ଗ୍ରାମବାସୀଙ୍କ ଦ୍ୱିତୀୟ ନିଷ୍ପତ୍ତି ଥିଲା ଅଧିକ କଷ୍ଟପ୍ରଦ ଯହିଁରେ ଥିଲା ଫ୍ଲୋରୋସିସ୍ ରୋଗର କାରଣକୁ ଦୂର କରିବାର ଦୂର୍ବାର ପଣ। ଗାଁର ଲୋକେ ଅନେକ ସଭା କଲେ। ବିଭିନ୍ନ ବିକଳ୍ପର ଚର୍ଚ୍ଚା ହେଲା। ଅନ୍ୟ ଗାଁ ନଳକୂଅରୁ ପାଣି ଆଣିବେ, ପାଖରେ ବହୁଥିବା ନାଳ ପାଣି ବ୍ୟବହାର କରିବେ ଓ ସରକାରଙ୍କୁ ଗୁହାରୀ କରିବେ। ଗ୍ରାମବାସୀ ସବୁ କଲେ। ଯେଉଁ ଦୁଇଟି ନଳକୂଅ ପାଣିରେ ଖୁବ୍ ଅଧିକ ଫ୍ଲୋରାଇଡ୍ ଅଛି ବୋଲି ଜଣା ପଡ଼ିଲା ସେହି ଦୁଇଟି ନଳକୂପ ହିଁ ଥିଲା ଗାଁର ଜଳଉତ୍ସ। ଗାଁରୁ ପ୍ରାୟ କିଲୋମିଟର ଦୂରରେ ବହିଯାଇଛି ଭାଲୁବିନ୍ଧା ନାଳ। କିନ୍ତୁ ଖରା ଦିନେ ତାହା ଶୁଖି ଯାଇଥାଏ। ସବୁଠାରୁ ପାଖରେ ଥିବା ଅନ୍ୟ ସୁରକ୍ଷିତ ଜଳ ଉତ୍ସ ଥିଲା ଡଙ୍ଗରପଡ଼ା ବସତିର ମୂଳଗ୍ରାମ ପିପଲଛେଣ୍ଡିରେ ଯାହା ଡୁଙ୍ଗୁରିପଡ଼ାଠାରୁ ପ୍ରାୟ ଦୁଇ କିଲୋମିଟର ଦୂର। "ଦୂର ତ ଥିଲା ନିଶ୍ଚୟ। କିନ୍ତୁ ଆମ ପାଖରେ ଅନ୍ୟ ବିକଳ୍ପ ନଥିଲା। ଆମ ପରିବାର ପୁରଷମାନେ ସାଇକଲରେ ପିପଲଛେଣ୍ଡିରୁ ପାଣି ଆଣିବା ଆରମ୍ଭ କଲେ। ପୁରୁଷ ନଥିବା ପରିବାରର ମହିଳା ମୁଣ୍ଡରେ ବୋହି ସେତେ ଦୂରରୁ ପାଣି ଆଣିଲେ", କହନ୍ତି ଫାଲଗୁନୀ ଦେବୀ। ଗ୍ରାମବାସୀ ନିଜର ପିଇବା ଓ ଖାଇବା ପାଣି ଅନ୍ୟ ଗାଁରୁ ଆଣିଲେ। ବିକଳ୍ପ ପାଇଁ ପଞ୍ଚାୟତ ପାଖରେ ନେହୁରା ବି ହେଲେ। କିନ୍ତୁ ସ୍ଥାୟୀ ସମାଧାନର ପନ୍ଥା ନିଜେ ହିଁ ଖୋଜିଲେ। ଗାଁର ଫ୍ଲୋରାଇଡ୍ ସମସ୍ୟାକୁ ମୁକାବିଲା କରିବାରେ ନେତୃସ୍ଥାନୀୟ ଭୂମିକା

ନେଇଥିବା ମହିଳା କମଳା ମାଝୀ କହନ୍ତି "ଆମେ ସରପଞ୍ଚଙ୍କୁ କହିଲୁ, ଲେଖିକି ଦେଲୁ କିନ୍ତୁ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି କୌଣସି ସଙ୍କେତ ପାଇଲୁ ନାହିଁ । ଏହା ପରେ ଗାଁ ବୈଠକରେ ଗ୍ରାମବାସୀ ମିଳିତ ହୋଇ ନିଜ ଶ୍ରମ ଓ ଅର୍ଥରେ ଏକ କୂଅ ଖୋଳିବାର ନିଷ୍ପତ୍ତି ନେଲୁ" ।

ତେବେ ଗ୍ରାମବାସୀ ନିଷ୍ପତ୍ତି ନେଇଗଲେ ସିନା, ତାହାକୁ କାର୍ଯ୍ୟକାରୀ କରିବା ଆଦୌ ସହଜ ନଥିଲା । ଗ୍ରାମର ସମସ୍ତ ପରିବାର ଆଦିବାସୀ । ଖୁବ୍ ଗରିବ । କୂଅ ଖୋଳିବାରେ ନିଜେ ଲାଗିବା ତାଙ୍କ ପାଇଁ ଥିଲା ନିଜର ମଜୁରୀ ହରେଇବା, ପଇସା ଦେଇ ସିମେଣ୍ଟ ପଥର କିଣିବା ଅର୍ଥ ଥିଲା ନିଜର ସଞ୍ଚିତ ଆୟକୁ ଖାଇବାରେ ନୁହଁ ଅନ୍ୟ କିଛିରେ ଲଗାଇବା । ତହିଁରେ ସମସ୍ତ ପରିବାରରେ ଅଳ୍ପ ବହୁତେ ବିକଳାଙ୍ଗ । ଏତେ ସବୁରେ ମଧ୍ୟ ଗ୍ରାମବାସୀ ନିଷ୍ପତ୍ତିରେ କଠୋର ରହିଲେ । ଚୈତ୍ରମାସର ଏକ ସଭାରେ ୭୦ ବର୍ଷ ବୟସ୍କା ମହିଳା ମନ୍ଦାର ମାଝୀ କୂଅ ଖୋଳିବା ପାଇଁ ଏକ ସ୍ଥାନର ପ୍ରସ୍ତାବ ଦେଲେ । ସେଇଠି ପୂର୍ବରୁ ଏକ କୂଅ ଥିଲା ଯାହାର ପାଣି ଖୁବ୍ ମିଠା ଥିଲା । କିନ୍ତୁ କୂଅଟି କେବେଠୁ ସମ୍ପୂର୍ଣ୍ଣ ପୋତି ହୋଇ ଯାଇଥିଲା । ମନ୍ଦାର ଦେବୀ ଯେଉଁ ସ୍ଥାନର ସୂଚନା ଦେଲେ ତାହା ଥିଲା ଫୁଲେଇ ମାଝୀଙ୍କ ଜମି । ସଭାରେ ଫୁଲେଇ ମାଝୀ ମଧ୍ୟ ଥିଲେ । ସଙ୍ଗେସଙ୍ଗେ ଫୁଲେଇ ମାଝୀ କହିଲେ ସେ ଉକ୍ତ ଜମିକୁ ଗ୍ରାମବାସୀଙ୍କୁ ଦାନ କରିଦେବେ । କୂଅର ସ୍ଥାନ ଚୂଡ଼ାନ୍ତ ହୋଇଗଲା । ଗ୍ରାମବାସୀ ଏଥର ପରବର୍ତ୍ତୀ ନିଷ୍ପତ୍ତି ନେଲେ । କୂଅ ଖୋଳା ଯୋଜନା ଚୂଡ଼ାନ୍ତ ହେଲା ଓ ଏକ ଆନୁମାନିକ ଅଟକଳ ପ୍ରସ୍ତୁତ ହେଲା । ଅଟକଳ ଅନୁସାରେ କୂଅ ପାଇଁ ପ୍ରତ୍ୟେକ ପରିବାର ୮୦୦ ଟଙ୍କା ଓ ଅନ୍ୟୁନ ପାଞ୍ଚ ଦିନର ଶ୍ରମ ଦେବା ପାଇଁ ନିଷ୍ପତ୍ତି ନେଲେ ।



ଚାଲିଛି କୂଅ ଖୋଳା

ଗ୍ରାମବାସୀ ଖାଲି ନିଷ୍ପତ୍ତି ନେଲେ ନାହିଁ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆରମ୍ଭ କରିଦେଲେ । ସମସ୍ତ ପରିବାର କରନ୍ତି ଅଳ୍ପ ଡାଲୁଅ ଧାନ ଚାଷ । ଅମଳ ପରେପରେ ଲାଗିଗଲେ କାମରେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସ୍ତ୍ରୀ ପୁରଷ ସମସ୍ତେ ଲାଗିଲେ । ବୈଶାଖର ଟାଇଁଟାଇଁ ଖରା ଦୋପହରରେ ବି ୧୮ ଫୁଟ ଗଭୀରର କୂଅ ଖୋଳିଲେ, ଭାଲୁବିନ୍ଧାର ନାଳରେ ପଥର ତାଡ଼ିଲେ ଓ ଭାଙ୍ଗିଲେ, ଟ୍ରାକ୍ଟର ଓ ଶଗଡ଼ରେ ବୋହିଲେ, କୂଅ ବାନ୍ଧିଲେ । ଯାହା ଟଙ୍କା ଠୁଳାଇଥିଲେ ତହିଁରେ ସିମେଣ୍ଟ ଆଦି କିଣିଲେ, ପଥର ବାଲି କଢ଼ାଇବା ପାଇଁ ଟ୍ରାକ୍ଟର ଭଡ଼ା ଦେଲେ, ମିସ୍ତ୍ରୀ ମଜୁରୀ ଦେଲେ ଓ ପାଣି କାଢ଼ିବା ଏକ ଲୁହା ଚକି ଲଗାଇଲେ । ଆହୁରି ପଥର ଦରକାର ହେବାରୁ କିଲୋମିଟର ଦୂରରୁ ମୁଣ୍ଡରେ ବି ବୋହିକି ଆଣିଲେ । ଠୁଳାଇଥିବା ଟଙ୍କା କମ୍ ହେବାରୁ ପରିବାର ପ୍ରତି ପୂର୍ବର ୮୦୦ ଟଙ୍କା ସହିତ ଆହୁରି ୨୦୦ ଟଙ୍କା ଲେଖାଁଏ ଅତିରିକ୍ତ ଠୁଳାଇଲେ । ସପ୍ତାହ ଦୁଇଟାରେ ଗାଁ ଲୋକଙ୍କ ନିଜ କୂଅ ପ୍ରସ୍ତୁତ ହୋଇଗଲା । ଯୋଉଦିନ କୂଅର ପାଣି ପ୍ରଥମ କରି ବ୍ୟବହାର କଲେ ସେଦିନ ତାଙ୍କର ଖୁସି ଅନୁଭବ କରି ହେଉଥିଲା । ଗ୍ରାମବାସୀଙ୍କ ପ୍ରୟାସ ଦେଖି ସାଇପଲା ସରପଞ୍ଚ ମହୋଦୟା ବି ଚକିତ । “ଲୋକେ ସବୁ ଦାୟିତ୍ୱ ପାଇଁ ସରକାରଙ୍କୁ ନିର୍ଭର କରୁଥିବା ବେଳେ ଗରିବ ମାତ୍ର ଦୃଢ଼ମନା ଡୁଙ୍ଗୁରିପଡ଼ା ଗ୍ରାମବାସୀଙ୍କ ଆଖି ଖୋଲିଦେବା ଭଳି ଉଦ୍ୟମ ମୁଁ ନିଜେ ଦେଖିଛି । ଏହି କୂଅ ସରକାରୀ ଭାବରେ ହୋଇଥିଲେ ଚାଳିଶ ପଚାଶ ହଜାରରୁ କମ୍‌ରେ ହୋଇ ନଥାନ୍ତା । ଏହି କାମ ଆମ ଭଳି ପଞ୍ଚାୟତ ପ୍ରତିନିଧିଙ୍କୁ ଯେତିକି ଖୁସି କରୁଛି ସେତିକି ଅଧିକ ଦାୟିତ୍ୱସମ୍ପନ୍ନ ହେବା ପାଇଁ ପ୍ରେରଣା ଦେଇଛି” , କହନ୍ତି ସାଇପଲା ସରପଞ୍ଚ ଶ୍ରୀମତୀ ବୃନ୍ଦାବତୀ ମାଝୀ ।



ସାମୁହିକ ଉଦ୍ୟମରେ ନିର୍ମିତ କୂଅର ପ୍ରଥମ ଜଳ ଦେଖି ଖୁସି ହେଉଛନ୍ତି ଶ୍ରମଦାନକାରୀ ମହିଳାମାନେ



ଜୀବନ ପାଇଁ ଶୁଦ୍ଧ ପାଣି...। ପାଣି ପାଇଁ କୂଅ ଖୋଳିବାର ପଣ ନେଇ ନିର୍ଘାତ ଖରାରେ ମୁଣ୍ଡିଆରୁ ପଥର ବୋହୁଛନ୍ତି ଗ୍ରାମବାସୀ

ନୂଆପଡ଼ା ଜିଲ୍ଲାର ଡୁଙ୍ଗୁରିପଡ଼ାରେ ରହୁଥିବା ପ୍ରାୟତଃ ଅଶିକ୍ଷିତ ଓ ସମ୍ପୂର୍ଣ୍ଣତଃ ଗରିବ ଲୋକଙ୍କ ପାଇଁ ଏଯାଏ ପିଚୁ ତ ଦୂରର କଥା, ନାଳିଗୋଡ଼ି ରାସ୍ତାଟିଏ ବି ହୋଇନାହିଁ। କିନ୍ତୁ ଗ୍ରାମବାସୀଙ୍କ କାରନାମା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଭବିଷ୍ୟତରେ ଏକ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଡୁଙ୍ଗୁରିପଡ଼ା ଭଳି ଫ୍ଲୋରାଇଡ୍ ଆକ୍ରାନ୍ତ ବସତିମାନଙ୍କୁ ସୁରକ୍ଷିତ ଜଳ ଯୋଗାଣର ସରକାରୀ ଯୋଜନା ହୋଇଛି ସତ କିନ୍ତୁ ତାହାର ରୂପାୟନର କିଛି ସୂଚନା ମିଳୁ ନାହିଁ । କିନ୍ତୁ ଡୁଙ୍ଗୁରିପଡ଼ା ଗ୍ରାମବାସୀ ଏବେ ନିଜ ଉଦ୍ୟମରେ ଏତେ ବଡ଼ ସମସ୍ୟାର ନିଜେ ସମାଧାନ ଖୋଜି ପାରିଛନ୍ତି । କୂଅର ପାଣି ଗାଁର ସମସ୍ତେ ବ୍ୟବହାର କରୁଛନ୍ତି । ସ୍କୁଲରେ ବି ତାହା ବ୍ୟବହାର ହେଉଛି, ଭୋଜିକାଜିରେ ବି । “ଆମେ ଏବେ ଖୁସି । କିନ୍ତୁ ଆମର ଦୁଃଖ ଯେ ଫ୍ଲୋରୋସିସ୍ ରୋଗ ଅର୍ଜି ସାରିଥିବା ଲୋକଙ୍କ କଷ୍ଟକୁ ଆଉ ଏଡ଼ାଇ ହେବ ନାହିଁ,” କହନ୍ତି ଯୁବକ ରାଇସିଂ ମାଝୀ । “ଯଦି ଆମେ ଫ୍ଲୋରାଇଡ୍ ବିଷୟରେ ଆଗରୁ ଜାଣିପାରିଥାନ୍ତୁ ସ୍ଥିତି ଅଲଗା ଥାଆନ୍ତା”, କହି ଶୂନ୍ୟକୁ ଅନାନ୍ତି ରାଇସିଂ । ସେ ନିଜେ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ । ରାଧା ମାଝୀ କାଖରେ ଗରା ଧରି ଦୂର କୂଅକୁ ପାଣି ପାଇଁ ଯିବା ବେଳେ କାହିଁକି ଏତେ ପରିଶ୍ରମ କରୁଛ ବୋଲି ଆପଣ ଯଦି ତାଙ୍କୁ ପ୍ରଶ୍ନ କରିବେ, ତାହାର ସିଧା ଓ ସରଳ ଉତ୍ତରଟେ ପାଇବେ, “ମୋର ପରିଶ୍ରମ ବଡ଼ ନା ଏଇ ପିଲାଙ୍କର ଜୀବନ ବଡ଼ ?” ତାଙ୍କ ହାତରେ ବିଦ୍ୟାଳୟରେ ପଢୁଥିବା, ଖାଉଥିବା ଓ ପିଉଥିବା କୁନିକୁନି ପିଲାଙ୍କ ଭବିଷ୍ୟତ ବେଶ ସୁରକ୍ଷିତ । ଗ୍ରାମବାସୀ ଅତୀତରେ ଅର୍ଜିସାରିଥିବା ଯନ୍ତ୍ରଣାକୁ ଛାଡ଼ି ତ ପାରିବେନି କିନ୍ତୁ ଭବିଷ୍ୟତକୁ ସୁରକ୍ଷିତ କରିପାରିଥିବା ଜାଣି ଖୁବ୍ ଆଶ୍ୱସ୍ତ ଓ ନିଜର ପରିଶ୍ରମକୁ ନେଇ ଗର୍ବିତ ।

# ଚହକୋପଡ଼ାର ଉଲ୍ଲାସ

**ନଳକୂଅରୁ ମୋହ ଭଙ୍ଗ ହେବା ଗୋଟିଏ ସ୍ଥିତି ଥିଲା, ତହିଁରୁ କୂଅ ପାଣିକୁ ମୁହାଁଇବା ଆଉ ସେହି କୂଅ ପାଣିକୁ ପିଇବା ଯୋଗ୍ୟ କରିବା ପାଇଁ ଉଲ୍ଲାସଙ୍କ ଭଳି ଗ୍ରାମବାସୀ ବି ଲାଗିପଡ଼ିବା ସୃଷ୍ଟି କଲା ନୂତନ ଏକ ଅଧ୍ୟାୟ ।**

ଏବେ ମଧ୍ୟବୟସ୍କା ସ୍ୱାମୀହରା ଅତି ଗରିବ ଆଦିବାସୀ ଉଲ୍ଲାସ ବେମାଲଙ୍କ ଘର ଦୁଆର ମୁହଁରେ ଥିବା କୂଅରେ ଗାଁ ଲୋକଙ୍କ ଲମ୍ୱା ଧାଡ଼ି ତାଙ୍କୁ ବିରକ୍ତ କରୁନାହିଁ, ଉଲ୍ଲାସରେ ଭରି ଦେଉଛି । ଗୋଟିଏ ବର୍ଷ ପୂର୍ବରୁ କିନ୍ତୁ ସ୍ଥିତି ଭିନ୍ନ ଥିଲା । ଏମିତିରେ ତ ସେହି କୂଅଟି ବ୍ୟବହାର ହେଉ ନଥିଲା, ଅପନ୍ତରା ହୋଇ ପଡ଼ିରହିଥିଲା । ତହିଁରେ ଉଲ୍ଲାସଙ୍କ ବିରକ୍ତିଆ ଭାବ ଦେଖି ବ୍ୟବହାର କରିବା ପାଇଁ ଚାହୁଁଥିବା ଲୋକେ ବି କୂଅରୁ ମୁହଁ ଫେରାଇ ନେଉଥିଲେ । ଏବେ ସେହି କୂଅଟି ନୂଆପଡ଼ା ଜିଲ୍ଲା କୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଦୋହଲପଡ଼ା ଗ୍ରାମର ପଡ଼ାଗ୍ରାମ ଚହକୋପଡ଼ାର ସମସ୍ତ ପରିବାର ପାଇଁ ପିଇବା ପାଣିର ଉତ୍ସ । ଗାଁରେ ତିନିଟି ନଳକୂଅ । କିନ୍ତୁ ଗାଁ ଲୋକେ ନଳକୂଅରୁ ମୁହଁ ଫେରାଇ ଏବେ ନେଇଛନ୍ତି ସେହି କୂଅର ସାହାରା ।

ପ୍ରାୟ ୩୫୦ ତଫସିଲଭୁକ୍ତ ଜାତିର ଲୋକ ରହୁଥିବା ଚହକୋପଡ଼ାରେ ଅନ୍ୟୁନ ୫୦ ଜଣ ବ୍ୟକ୍ତିଙ୍କର ଲକ୍ଷଣ ଦେଖି ଫ୍ଲୋରୋସିସ୍ ରୋଗ ବୋଲି ଫରଛା ବାରି ହେଉଛି । ଯୁବକ ବୟସରେ ବି ଇନ୍ଦ୍ର ପ୍ରଧାନୀ ଉଠିବସି ପାରୁ ନାହାନ୍ତି । ଗାଁ



ଚହକାପଡ଼ାର ଜଳ ସମସ୍ୟା ଓ ସମାଧାନ ବିଷୟରେ ଜଣେ ମହିଳାଙ୍କ ମତ ପଚାରି ବୁଝୁଛନ୍ତି ଆର୍‌ସିଡିସିର ବରିଷ୍ଠ ପ୍ରବନ୍ଧକ ବିମଳ ପ୍ରସାଦ ପାଣ୍ଡିଆ

ଲୋକେ ଇନ୍ଦ୍ର ପ୍ରଧାନୀ ଓ ତାଙ୍କ ଭଳି ଲୋକେ ଭୋଗୁଥିବା ରୋଗର କାରଣକୁ ଯେବେ ଠଉରାଇ ପାରିଲେ ସେବେଠୁ ନଳକୂଅ ଉପରେ ତାଙ୍କର ମୋହ ଭଙ୍ଗ ହେବା ଆରମ୍ଭ ହୋଇଗଲା । ଗାଁର ତିନିଟି ନଳକୂଅରୁ ଦୁଇଟି ଅଛି ବସ୍ତିରେ, ଅନ୍ୟଟି ରହିଛି ବିଦ୍ୟାଳୟରେ ଯାହା ବସ୍ତିରୁ ସାମାନ୍ୟ ଦୂରରେ ରହିଛି । ଏଠାରେ ପ୍ରଥମେ ବସତି ସ୍ଥାପନ କରିଥିବା ଗୋପାଳ ମାଝୀ ୧୯୫୬ ମସିହାରେ ନିଜର ବାହାଲ ଜମିରେ ଏକ କୂପ ଖୋଳି ସେଥିରୁ ଜଳ ବ୍ୟବହାର କଲେ । "୧୯୯୩ରେ ସରକାର ପ୍ରଥମ କରି ନଳକୂପଟିଏ ଖୋଳିଲେ । ନଳକୂପ ଖୋଳା ଗଲା ପରେ ସମସ୍ତେ ଖୋଳା କୂଅ ଛାଡ଼ି ନଳକୂଅ ପାଣି ବ୍ୟବହାର କରିବା ଆରମ୍ଭ କଲେ," ସୂଚାନ୍ତି ୬୫ ବର୍ଷ ବୟସ୍କ ସୁଧୁରାମ ମାଝୀ । ସୁଧୁରାମ ବି ଜଣେ ଫ୍ଲୋରୋସିସ୍ ରୋଗୀ । ନଳକୂଅ ଚାଲୁଥିଲେ ମଧ୍ୟ ସରକାର ଗାଁରେ ଏକ ପରିମଳ କୂଅ ଖୋଳିଲେ ୨୦୦୭ ମସିହାରେ । "ସେ କୂଅରେ ୨୦ଫୁଟରେ ପଥର ପଡ଼ିଲା, ସେତିକିରେ ବନ୍ଧେଇ ଦେଲେ । କିଛି ପାଣି ରହେ ନାହିଁ", କହନ୍ତି ଦୈତାରୀ ମାଝୀ । ପ୍ରଥମ କୂଅଟି ପ୍ରାୟ ବିଫଳ ହେବା ପରେ ସରକାର ୨୦୦୯ ମସିହାରେ ଆଉ ଏକ ପରିମଳ କୂଅ ଖୋଳିଲେ । ଏଥର ତାହା ଗାଁର ତଳ ମୁଣ୍ଡରେ ଉଲ୍ଲାସଙ୍କ ଘର ସାମନାରେ ଥିବା ଜମିରେ ଖୋଳିଲେ । କୂଅରେ ପାଣି ଭଲ ବାହାରିଲା । କାମ ବି ସରିଗଲା । କିନ୍ତୁ କେହି ତାହାକୁ ବ୍ୟବହାର କଲେନି । ପଡ଼ିପଡ଼ି ଆବର୍ଜନାମୟ ହୋଇଗଲା । "ନଳକୂଅର ପାଣି ଭଲ ବୋଲି ଭାବି ଆମେ ନଳକୂଅର ପାଣି ହିଁ ବ୍ୟବହାର କରୁଥିଲୁ । କୂଅ ଖୋଳାହେବା ଆଗରୁ ବା ପରେ କେହି ଆମକୁ ନଳକୂଅ ପାଣି ନ ପିଇ କୂଅ ପାଣି ପିଇବା ପାଇଁ ବି କହି ନଥିଲେ", କହନ୍ତି ସୁଦେଷ୍ଣା ନାଏକ । ଏବେ ସୁଦେଷ୍ଣା ତାଙ୍କ ଗାଁର ଜଳପରିମଳ କମିଟୀର ସଭାନେତ୍ରୀ । ଗାଁର ଲୋକଙ୍କୁ କୂଅ କାହିଁକି ହେଲା ତାହା କୁହାଗଲା ନାହିଁ କି ଲୋକେ ବି ତାହା କାହିଁକି ଆବଶ୍ୟକ ପଡ଼ିଲା ତାହାର କାରଣ ଖୋଜି ନଥିଲେ । କୂଅ ହେଲା ପରେ ବି ନଳକୂଅର ପାଣିକୁ ହିଁ ବ୍ୟବହାର କରି ଆସୁଥିଲେ ଗ୍ରାମବାସୀ ।

ସରକାର କାହିଁକି କୂଅ କରିଥିବେ ତାହାର ପ୍ରଥମ ଆଭାସ ଗ୍ରାମବାସୀ ପାଇଲେ ୨୦୧୩ ମସିହାରେ । "ଆରସିଡିସିର ଭାଇମାନେ ଆସି ଆମ ଗାଁ ଲୋକଙ୍କ ବୈଠକ କରାଇଲେ । ସମସ୍ତେ ମିଶି ଗାଁରେ ବିଭିନ୍ନ ବେମାରୀର ଆକଳନ କଲୁ । ଗାଁରେ ଅନେକ ବାତ ରୋଗୀ । ବିଭିନ୍ନ ଫଟୋ, ବହି, ଭିଡିଓ ଦେଖି ଆମେ ଜାଣିଲୁ ଯେ ଅଧିକ ଫ୍ଲୋରାଇଡ୍ ଥିବା ପାଣି ପିଇଲେ ଫ୍ଲୋରୋସିସ୍ ବୋଲି ଏକ ରୋଗ ହୁଏ ଯାହା ପ୍ରଥମେ ଦାନ୍ତକୁ କଷରା କରିଦିଏ ଓ ପରେ

ହାଡ଼କୁ ଆକ୍ରାନ୍ତ କରି ମଣିଷକୁ ଅକର୍ମଣ୍ୟ କରିଦିଏ," କହନ୍ତି ବିଶେଷ ପାଠ ପଢି ନଥିବା କିନ୍ତୁ ଏବେ ପାଣିର ମାନ ନେଇ ସମସ୍ତଙ୍କୁ ପାଠ ପଢ଼ାଇ ପାରୁଥିବା ଧନମତୀ ନାଏକ । ଗାଁ ଲୋକେ ଫ୍ଲୋରାଇଡ୍ ଓ ଫ୍ଲୋରୋସିସ୍ ଆଦି ବିଷୟରେ ଜାଣିବା ପରେ ଆରସିଡିସି ପକ୍ଷରୁ ତାଙ୍କୁ ଜଳର ମାନ ପରୀକ୍ଷଣ ଉପକରଣ ଦିଆଗଲା । ଜଳରେ କେଉଁ ରସାୟନର ପରିମାଣ କେତେ ରହିବା ଉଚିତ ଓ ଜଳ ପରୀକ୍ଷଣ ଉପକରଣରୁ ଜଳର ମାନ କେମିତି ନିର୍ଣ୍ଣୟ କରିବେ ତାହା ବିଷୟରେ ଗ୍ରାମର କିଛି ଶିକ୍ଷିତ ଲୋକ ଅତି ଆଗ୍ରହର ସହିତ ପ୍ରଶିକ୍ଷଣ ନେଲେ । ଗାଁ ଲୋକେ ମିଶି ସମସ୍ତ ଜଳ ଉତ୍ସର ମାନ ପରୀକ୍ଷା କଲେ । ସେଥିରୁ ଜାଣିଲେ ଯେ ଗାଁର ତିନିଟାଯାକ ନଳକୂଅ ପାଣିରେ ଫ୍ଲୋରାଇଡ୍‌ର ପ୍ରାବଲ୍ୟ । "ପାଣିର ପରୀକ୍ଷା ପରେ ଗାଁରେ ବ୍ୟାପୁଥିବା ବାତ ରୋଗର କାରଣ ସମସ୍ତେ ଜାଣି ପାରିଲୁ" , କହନ୍ତି ଆଶା ପୋଡ଼ ।

ଏହାପରର ଗାଁ ବୈଠକ ପୂର୍ବର ବୈଠକମାନଙ୍କ ଠାରୁ ଅନେକ ଭିନ୍ନ ଥିଲା । ୧୬.୯.୨୦୧୪ ତାରିଖରେ ଦୋହଲପଡ଼ାର ଯଜ୍ଞ ମଣ୍ଡପରେ ହୋଇଥିବା ଏକ ବୈଠକରେ ଦୋହଲପଡ଼ା, ଚହକୋପଡ଼ା ଓ ମହୁଲପଡ଼ାର ଗ୍ରାମବାସୀମାନେ ଏକାଠି ହେଲେ । ଗାଁଲୋକେ ଜାଣି ସାରିଥିଲେ ଯେ ନଳକୂଅ ପାଣି ତାଙ୍କ ଶାରୀରିକ ଦୁରାବସ୍ଥାର କାରଣ । ଏଥର ବୈଠକରେ ସେମାନେ ବିଚାର କଲେ-ତାହା ହେଲେ କରିବା କଣ । ପ୍ରଥମ ଉତ୍ତରଟି ଖୁବ୍ ସହଜ ଥିଲା । ସବୁ ଲୋକ କହିଲେ ସରକାରଙ୍କୁ ଲେଖି ଜଣାଇବା, ଦାବୀ କରିବା । ତେବେ ଭାନୁମତୀ ନାଏକ ଯାହା କହିଲେ ତାହା ଶୁଣି ଗାଁ ବୈଠକ କିଛି ସମୟ ସ୍ତବ୍ଧ ହୋଇଗଲା । ଭାନୁମତୀ ଦେବୀ ପଚାରିଲେ, "ତାହା ହେଲେ ସରକାର କିଛି ନ କରିବା ପର୍ଯ୍ୟନ୍ତ ଆମେ କଣ ଚୁପ୍ ରହିଥିବା ଆଉ ନଳକୂଅର ପାଣି ପିଇ ଚାଲିଥିବା ?" ଭାନୁମତୀ ଦେବୀଙ୍କ ପ୍ରଶ୍ନ ପରେ ଖେଳି ଯାଇଥିବା ନୀରବତାକୁ ଭାଙ୍ଗି ସେତେବେଳେ ଆରସିଡିର କର୍ମୀ ଦେବରାଜ ଏକ ପ୍ରସ୍ତାବ ଦେଲେ "ଆମେ ଗାଁରୁ ଦୂରରେ ଥିବା ଝରଣାରୁ ପାଣି ଆଣି ପାରିବା ନହେଲେ ଗାଁରେ ଥିବା କୂଅକୁ ସଫା, ସୁତୁରା ଓ ମରାମତି କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିବା ।" ଭାନୁମତୀ ଦେବୀଙ୍କ ପ୍ରଶ୍ନ ପରେ ଦେବରାଜଙ୍କ ପ୍ରସ୍ତାବ ଅନେକ ଲୋକଙ୍କୁ ଅଡୁଆରେ ପକାଇଦେଲା । ସଭାରେ ଥିବା କିଛି ଯୁବକ କହିଲେ, "ଆମକୁ ପାଣି ଦେବା ସରକାରର କାମ । ଆମେ କାହିଁକି କୂଅକୁ ସଫାସୁତରା ଓ ମରାମତି କରିବା । ତାହା ସରକାରୀ କୂଅ, ସରକାର ମରାମତି କରିବେ ।" ଯୁବକଙ୍କ ସେହିଭଳି ଯୁକ୍ତିକୁ ଅଧିକାଂଶ ଗ୍ରାମବାସୀ ମୁଣ୍ଡଟୁଙ୍ଗାରି ହଁ ଭରିବାକୁ ଯାଉଥିବା ବେଳେ ଭାନୁମତୀ ଦେବୀଙ୍କର ପରବର୍ତ୍ତୀ ପ୍ରଶ୍ନ ଗ୍ରାମବାସୀଙ୍କୁ ଭିନ୍ନ ଏକ ସ୍ଥିତିକୁ ନେଇ ଆସିଲା । "ଏହା ନ କଲେ ମରିବା ଆମେ, ଭୋଗିବା ଆମେ । ସରକାରଙ୍କ ଦାୟିତ୍ୱ ଅଛି କିନ୍ତୁ ଆମର ମଧ୍ୟ କିଛି କର୍ତ୍ତବ୍ୟ ବି ରହିଛି । ନିଜ ପାଇଁ ଆମେ ନିଜେ ଯଦି କିଛି ନ କରିବା ତାହା ହେଲେ ଅନ୍ୟ କାହାକୁ ଦୋଷ ଦେବାର ବି ଅଧିକାର ଆମର ନାହିଁ, ଏମିତି ଭୋଗି ଚାଲୁଥିବା," କହିଲେ ଭାନୁମତୀ ଦେବୀ । ଭାନୁମତୀ ଦେବୀ ଜଣେ ଶିକ୍ଷୟତ୍ରୀ । ସମସ୍ତେ ତାଙ୍କ କଥାକୁ ଗୁରୁତ୍ୱ ଦିଅନ୍ତି । ସୁଦେଷ୍ଣା ନାଏକ ଭାନୁମତୀ ଦେବୀଙ୍କର କଥାକୁ ସମ୍ପୂର୍ଣ୍ଣ ସମର୍ଥନ କଲେ । କହିଲେ, "କୂଅଟିକୁ ଆମେ ଅଳ୍ପ ପରିଶ୍ରମ ଓ ଅଳ୍ପ ଅର୍ଥରେ ବ୍ୟବହାର ଉପଯୋଗୀ କରି ପାରିବା ।" ଗାଁର ମେମ୍ବର ମଧ୍ୟ କହିଲେ, "ହଁ, କୂଅକୁ ପ୍ରଥମେ ସଫା କରି ବ୍ୟବହାର ଉପଯୋଗୀ କରି ନିଜକୁ ସୁରକ୍ଷିତ କରିବା, ପରେ ସରକାର ପାଖରେ ସୁରକ୍ଷିତ ଜଳ ଯୋଗାଣ ପାଇଁ ଆମର ଦାବୀ ଅନୁରୋଧ ରଖିବା ।" ଅନ୍ୟ କେହି କିଛି କହିବା ପୂର୍ବରୁ ମେମ୍ବର ମହୋଦୟ କହିଲେ ଯେ ଆମେ ମିଳିମିଶି ଗାଁ କୂଅକୁ ସଫା ଓ ମରାମତି କରିବା । ନିଜେ ଶ୍ରମ ଦେବା ଓ ସିମେଣ୍ଟ ବାଲି ଆଦି ପାଇଁ ସବୁ ପରିବାରଙ୍କ ଠାରୁ କିଛି ଚାନ୍ଦାଭେଦା କରିବା । ଭାନୁମତୀ ଦେବୀ ଏଥର ନିଜଆଡୁ କହିଲେ ମୁଁ ମୋ ତରଫରୁ ୫୦୦ ଟଙ୍କା ଦେଉଛି । ମେମ୍ବର ବି ୫୦୦ ଟଙ୍କା ଦେବାର ଘୋଷଣା କରିଦେଲେ । ସଭାରେ ନିଷ୍ପତ୍ତି ହୋଇଗଲା ଯେ ଗାଁର ତଳମୁଣ୍ଡରେ ଥିବା କୂଅ ମରାମତି ହେବ । ନିର୍ଦ୍ଦିଷ୍ଟ ଦିନ ସ୍ଥିର ହୋଇ ଏକ ଛୋଟ ଅଟକଳ ବି ପ୍ରସ୍ତୁତ ହୋଇଗଲା ଓ ଦାୟିତ୍ୱ ବଣ୍ଟନ ହୋଇଗଲା । ଗ୍ରାମର ସମସ୍ତ ପରିବାର ୨୦ଟଙ୍କା ଚାନ୍ଦା ଓ ଦିନକର ଶ୍ରମ ଦାନ କରିବେ ବୋଲି ନିଷ୍ପତ୍ତି ହେଲା । ଚାନ୍ଦା ଅର୍ଥରେ ସିମେଣ୍ଟ ବାଲି ଇତ୍ୟାଦି କିଣିବାର ଯୋଜନା ହେଲା ।

ଗାଁର ସମସ୍ତ ଲୋକ ଚାନ୍ଦା ଦେଲେ କିନ୍ତୁ ଜଣେ ଦେବା ପାଇଁ ସମ୍ପୂର୍ଣ୍ଣ ନାରାଜ ଥିଲେ । ସେ ଥିଲେ ଉଲ୍ଲାସ ଦେବୀ । ତାଙ୍କର ଆର୍ଥିକ ସ୍ଥିତି ଖୁବ ଦୁର୍ବଳ । ୨୦ଟଙ୍କା ବି ତାଙ୍କ ପାଇଁ ଖୁବ୍ ବେଶୀ । ଦ୍ୱିତୀୟରେ ସେ କୂଅଟି ଭଲ ହେଲେ ସାରା ଗାଁ ଲୋକ କୂଅକୁ ବ୍ୟବହାର କରିବେ ଓ ତାଙ୍କ ଘର ଆଗଣା କାଦୁଅ ହୋଇଯିବ ଭାବି କୂଅ ମରାମତି ପ୍ରସ୍ତାବରେ ଆଦୌ ଆଗ୍ରହୀ ନ ଥିଲେ । କିନ୍ତୁ ଯୋଉ ଦିନ ସାରା ଗାଁ ଲୋକ ଆସି କୂଅ ସଫା ଓ ମରାମତି କରିବା କାମ ଆରମ୍ଭ କଲେ ସେ ବି ସେଥିରେ ପୁରା ସାମିଲ ହୋଇଗଲେ । ଗୋଟିଏ ଦିନରେ କୂଅ ସଫା, ଭିତରର ଭଙ୍ଗା ଅଂଶ ମରାମତି, ବାହାରେ ଚାନ୍ଦିନୀ ତିଆରି ଏବଂ କୂଅର ପରିପାର୍ଶ୍ୱ ସମ୍ପୂର୍ଣ୍ଣ ପରିଷ୍କାର ହୋଇ ପାଣି ଯେମିତି ଦୂରରେ ନିଷ୍କାସିତ ହେବ ତାହାର ବ୍ୟବସ୍ଥା ହୋଇଗଲା । ସନ୍ଧ୍ୟାରେ କାର୍ଯ୍ୟ ସରିବା ବେଳକୁ ଉଲ୍ଲାସ ୨୦ ଟଙ୍କାର ଚାନ୍ଦା ବି ଦେଇଦେଲେ ।

ଏବେ ଚହକୋପଡ଼ା ଗାଁ ଲୋକେ ନିଜ ପାଇଁ ସୁରକ୍ଷିତ ଜଳର ବ୍ୟବସ୍ଥା କରିପାରିଛନ୍ତି । ତେବେ କୂଅଟି ଗ୍ରାମବାସୀଙ୍କର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ମେଣ୍ଟାଇ ପାରୁନାହିଁ । ଗାଁର କିଛି ଲୋକ ଏବେ ବି ନଳକୂଅର ପାଣିକୁ ଅଗତ୍ୟାରେ ପଡ଼ି ବ୍ୟବହାର କରୁଛନ୍ତି । ବର୍ତ୍ତମାନର ସମସ୍ୟାରୁ ସଚେତ ହୋଇ ଗ୍ରାମବାସୀ ଏବେ ଭବିଷ୍ୟତରେ ନିଘା ଜମାଇ ସାରିଲେଣି । ତାଙ୍କ ଗାଁକୁ ଏକ ବିଶାଳ ପାଇପ ଜଳ ଯୋଗାଣ ପ୍ରକଳ୍ପ ଅଧୀନରେ ପାଣି ମିଳିବ ବୋଲି ସରକାରୀ ଯୋଜନା ହୋଇଛି ।ତାହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ଗାଁ ଲୋକେ ଏକ ଜଳ ପରିମଳ କମିଟି ଗଠନ କରି ପ୍ରସ୍ତୁତ ହୋଇସାରିଛନ୍ତି । ଗାଁ ଲୋକେ ଅନ୍ୟ ଏକ ବିକଳ୍ପ ବି ବାଛି ସାରିଛନ୍ତି । ଗାଁରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ଝରଣାରୁ ପାଣି ଆଣିବାର ଯୋଜନା ମଧ୍ୟ ରଖିଛନ୍ତି । ଆଦିବାସୀ ବହୁଳ ଚହକୋପଡ଼ା ଗ୍ରାମବାସୀ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି ଏବଂ ଭବିଷ୍ୟତ ଦାବୀ ପାଇଁ ନିଜକୁ ପ୍ରସ୍ତୁତ କରିସାରିଛନ୍ତି । ଏବେ ଉଲ୍ଲାସଙ୍କ ଭଳି ନିରକ୍ଷର ଗରିବ ମହିଳା ବି ଜଳ ସଚେତନ ।

# ସ୍ୱଚ୍ଛ ନୂଆପଡ଼ା ଅଭିଯାନ

**ସ୍ୱଚ୍ଛ ଭାରତର ଆହ୍ୱାନରେ ମତୁଆଲା ନୂଆପଡ଼ା ଜିଲ୍ଲାର ଗାଁ।**
**ଆରମ୍ଭ କରିଛନ୍ତି ଶ୍ରମଦାନର ପରମ୍ପରା, ପିଲାଠୁ ବୁଢା ସଭିଏଁ ସାମିଲ ହୋଇ ଗାଁକୁ ସ୍ୱଚ୍ଛ ପାଇଁ ନେଉଛନ୍ତି ବଜ୍ର ଶପଥ।**

ସଫା ରହିବାର ବାଟ ବାଛି ନେଇଛନ୍ତି ଗ୍ରାମବାସୀ। ଗୋଟିଏ ଦିନ କି ମାସେ ପାଇଁ ନୁହଁ, ବରଂ ନିୟମିତ ସଫା ସୁତୁରା ପାଇଁ ସାମୁହିକ ଶପଥ ନେଇଛନ୍ତି। ଆର୍‌ସିଡିସିର କର୍ମୀମାନଙ୍କ ପ୍ରବର୍ତ୍ତନାରେ ୱାଟରଏଡ୍ ପ୍ରକଳ୍ପାଞ୍ଚଳର ସବୁ ଗାଁରେ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଛି। ଗାଁର ପିଲାଙ୍କ ଠାରୁ ବୁଢ଼ାବୁଢ଼ୀ ଯାଏଁ, ଛାତ୍ରଛାତ୍ରୀ, ଯୁବକ, ଶ୍ରମିକ, ଶିକ୍ଷକ, କୃଷକଙ୍କ ଯାଏଁ ସମସ୍ତେ ହାତରେ ଝାଡୁ କୋଦାଳ ଧରି ଗାଁ ଦାଣ୍ଡ, ବିଦ୍ୟାଳୟ, କୂଅମୂଳ, ନଳକୂପ ଚାରିପାଖ, କାର୍ଯ୍ୟାଳୟ ଆଖପାଖରୁ ମଇଳା ଉଠାଇଛନ୍ତି। ନାଳରେ ଜମିଥିବା ବର୍ଷ ବର୍ଷର ପଙ୍କ କାଦୁଅକୁ ବାହାର କରିଛନ୍ତି। ସମସ୍ତ ଗାଁରେ ମିଳିଛି ଅଭୁତପୂର୍ବ ସମର୍ଥନ। ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ।

ନୂଆଗାଁ ପଞ୍ଚାୟତର ଥୁଟିବର, କାମକେଡ଼ା, କାଳିମାଟି ଗାଁରେ ଯଥାକ୍ରମେ ୩୮, ୨୧୮ ଓ ୬୩ ଜଣ ମହିଳା ପୁରୁଷ ୧୨, ୧୩ ଓ ୧୫ ଅକ୍ଟୋବର ୨୦୧୪ରେ ସାମୁହିକ ଶ୍ରମଦାନ ଜରିଆରେ ଗାଁ ପରିବେଶ ନିର୍ମଳ କରିଥିବା ବେଳେ ଭାଲେଶ୍ୱର ପଞ୍ଚାୟତର ଭାଲେଶ୍ୱର, ଆମୋଦି, କୁରୁମୁଣ୍ଡା ଟାମକିଦାଦର, ବାରକୋଠି, କନ୍ଦାତାପ ଆଦି ଗ୍ରାମର ଚତୁଃପାର୍ଶ୍ୱ, ଜଳଉତ୍ସ ଓ ବାରକୋଠି ବିଦ୍ୟାଳୟ ପରିସରରେ ସଫେଇ କରାଯାଇଥିଲା। ସାଇପଲା ପଞ୍ଚାୟତର ସାଇପଲା, ସାଲେପଡ଼ା, ଖଇରାନୀ ପିପଲଛଣ୍ଡି, ଡୁଙ୍ଗୁରିପଡ଼ା ଗ୍ରାମ ସଫେଇରେ ପୁରୁଷମାନଙ୍କ ଠାରୁ ଦ୍ୱିଗୁଣ ସଂଖ୍ୟକ ମହିଳା ଭାଗ ନେଇଥିଲେ। ମୋଟ ୬୯ଜଣ ପୁରୁଷ ଗାଁ ସଫେଇରେ ଭାଗ ନେଇଥିବା ବେଳେ ୧୬୪ମହିଳାଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ବେଲଟୁକୁରୀ ପଞ୍ଚାୟତର ସିଅପୁର, କାଦୋମେରୀ, ଦେଓଗାଁ, ଗୁଡ଼ପଦର, ବଖରମାଳ ସମେତ କୁରେଶ୍ୱର ପଞ୍ଚାୟତର କୁରେଶ୍ୱର, ଉଦ୍ୟାନବନ୍ଧ, ଚହକୋପଡ଼ା, ଦୋହଲପଡ଼ା ଆଦି ଗ୍ରାମ ଓ ରେଙ୍ଗ ତଥା ଖଇରବାଡ଼ିର ବିଦ୍ୟାଳୟ ପରିସରକୁ ସଫା କରିଥିଲେ ଗ୍ରାମବାସୀ।



ଦିନେ ନୁହେଁ କି ଓଳିଏ ନୁହେଁ, ସର୍ବଦା ଗାଁକୁ ସ୍ୱଚ୍ଛ ପାଇଁ ଶପଥ ନେଉଛନ୍ତି ଗ୍ରାମବାସୀ

ଯେତେବେଳେ ସାରା ରାଜ୍ୟ ହୁଦ୍‌ହୁଦ୍‌ର ସମ୍ଭାବ୍ୟ ବିପଦ ଓ କ୍ଷୟକ୍ଷତିର ଆଶଙ୍କାକୁ ନେଇ ପ୍ରାକ୍ ପ୍ରସ୍ତୁତ କରୁଥିଲେ ସେହି ସମୟରେ ନୂଆପଡ଼ା ଜିଲ୍ଲା ସାଇପଲା ପଞ୍ଚାୟତର ଡୁଙ୍ଗୁରିପଡ଼ା ଗ୍ରାମବାସୀ ଗ୍ରାମ ସଫେଇ ପାଇଁ ତାରିଖ ଧାର୍ଯ୍ୟ କରି ଏକାଠି ହୋଇଥିଲେ । ହୁଦ୍ ହୁଦ୍‌ର ଆଶଙ୍କା ନୂଆପଡ଼ା ପାଇଁ ନଥିଲା । ଆର୍‌ସିଡିସିର  କର୍ମକର୍ତ୍ତାମାନେ ସମ୍ଭାବ୍ୟ ବର୍ଷା ପାଇଁ ସଫେଇ କାର୍ଯ୍ୟକ୍ରମ କରାଯିବ କି ନାହିଁ ଲୋକଙ୍କୁ ପଚାରିବା ପରେ ଗ୍ରାମବାସୀମାନେ ଗ୍ରାମ ସଫେଇ କରାଯିବ ବୋଲି ସମ୍ମତି ପ୍ରଦାନ କରିଥିଲେ ଓ ୧୨.୩୦ମିନିଟ୍‌ରେ ଝାଡୁ କୋଦାଳ ମାନ ଧରି ଗାଁ ଦାଣ୍ଡରେ ଏକାଠି ହୋଇଥିଲେ । ଆକାଶ ମେଘମୁକ୍ତ ଓ ନିର୍ମଳ ଥିଲା ।

ଗାଁ ସୀମାରେ ଥିବା ମାଟି ଠାକୁରାଣୀଙ୍କ ନିକଟରେ ସମବେତ ହୋଇ ସାମୁହିକ ଶପଥ ପାଠ କରାଯିବା ପରେ ଗାଁ ସଫେଇ ଆରମ୍ଭ ହୋଇଥିଲା । ସ୍ୱଚ୍ଛ ଅଭିଯାନ ଗୋଟିଏ ଦିନ ନୁହଁ ଏହାକୁ ନିତିଦିନିଆ ଅନୁସୃତ ପାଇଁ ଲୋକେ ଶପଥ ନେଲେ । ଗାଁ ଦାଣ୍ଡ, ନାଳ, ସାମୁହିକ ଚଳପ୍ରଚଳ ସ୍ଥାନଗୁଡ଼ିକ ସଫେଇ କରାଯାଇଥିଲା ।

୧୨ ଅକ୍ଟୋବର ୨୦୧୪ରେ କାମକେଡ଼ା ଗ୍ରାମ୍ୟଜଳ ପରିମଳ କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଥିଲା ଗ୍ରାମ ସଫେଇ କାର୍ଯ୍ୟକ୍ରମ । କୋମନା ବ୍ଲକର ପୂର୍ବତନ ଅଧକ୍ଷ ଭକ୍ତରାମ ଶବର ଆନୁଷ୍ଠାନିକ ପୂଜାପାଠ ଓ ଶପଥବାର୍ତ୍ତା ପାଠ କରିବା ପରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗ୍ରାମ୍ୟଜଳ ପରିମଳ କମିଟିର ସଭାପତି ମହେନ୍ଦ୍ର ଶବର, ସମ୍ପାଦିକା ସତ୍ୟଭାମା ଶବରଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ଅଭିଯାନରେ ସାମିଲ ଥିଲେ । ଲକ୍ଷ୍ମୀପୂଜା ମଣ୍ଡପ ଠାରୁ ବରପଦାପଡ଼ା, ଗୌନ୍ତିଆପଡ଼ା, ବସ୍ତି, ତାଳଗଛପଡ଼ା ଓ ହରିଜନପଡ଼ା ସଫେଇ କରାଯାଇଥିଲା ।

ଏତେ ସଂଖ୍ୟକ ନରନାରୀ ଏକାଠି ହୋଇ ଗାଁ ସଫେଇରେ ଅଂଶଗ୍ରହଣ କରିବାର ଇଏ ଥିଲା ପ୍ରଥମ ଘଟଣା । ୨୧୮ ଜଣ ପୁରୁଷ ମହିଳା ଏକାଠି ହୋଇ ୧୪ଟି ନଳକୂପ ଚାରିପାଖ ସଫା କରିବା ସହ ବିଭିନ୍ନ ବସ୍ତିର ଗାଁ ଦାଣ୍ଡ ଓ ସ୍କୁଲ ପରିସର ସଫା କରିଥିଲେ ।

### ବିଦ୍ୟାଳୟ ସଫେଇ

୧୧ ଅକ୍ଟୋବର ୨୦୧୪, ରେଙ୍ଗ ବିଦ୍ୟାଳୟ ପାଇଁ ସେଦିନ ଥିଲା ନିଆରା ଘଟଣା । ପ୍ରାର୍ଥନା ପରେ ସବୁଦିନ ପରି ଛାତ୍ରଛାତ୍ରୀମାନେ ଶ୍ରେଣୀ କକ୍ଷକୁ ଫେରିନଥିଲେ । ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ପାଳନ ପରି ସେଦିନର ପରିବେଶ ଥିଲା । ବିଭିନ୍ନ ଶ୍ରେଣୀର ୧୧୮ଜଣ ଛାତ୍ରଛାତ୍ରୀଙ୍କ ଗହଣରେ ଉପସ୍ଥିତ ଥିଲେ ୫ଜଣ ଶିକ୍ଷକ, ୩ଜଣ ଶିକ୍ଷୟିତ୍ରୀ, ୫ ଜଣ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଦୁଇଜଣ ଆର୍‌ସିଡିସିର କର୍ମୀ । ମୋଟ ୧୨୩ ଜଣଙ୍କ ଉପସ୍ଥିତିରେ ସ୍ୱଚ୍ଛ ଭାରତ ଅଭିଯାନ ବିଷୟରେ ଆଲୋଚନା କରାଗଲା । ସଫା ସୁତୁରା ରହିଲେ ରୋଗ ହେବନି ବୋଲି ଅତିଥିମାନେ ପିଲାଙ୍କୁ ବୁଝାଇଥିଲେ । ବ୍ୟକ୍ତିଗତ ପରିଚ୍ଛନ୍ନତା, ଗାଁ ପରିମଳ, ହାତଧୁଆ ଅଭ୍ୟାସ ସଂପର୍କରେ ବୁଝାଗଲା । ପିଲାମାନେ ନିଜ ଘରେ ବାପା ମା' ଭାଇ ଭଉଣୀଙ୍କୁ ବୁଝାଇବେ କହିଲେ । ସଭା ଶେଷରେ ବିଦ୍ୟାଳୟ ଓ ଗାଁ ସଫେଇ କରିବା ନିଷ୍ପତ୍ତି ନିଆଗଲା । ପିଲାମାନେ ଝୁଡ଼ି କୋଦାଳ ଧରି ଆସିବା ବେଳକୁ ଗାଁର ବଡ଼ମାନେ ଏ କାମ ପିଲାମାନଙ୍କ ନୁହଁ ଆମ ସମସ୍ତଙ୍କର ବୋଲି କହି ଶ୍ରମଦାନରେ ସାମିଲ ହେଲେ । ଉପରପଡ଼ା, ହରିଜନ ପଡ଼ାରେ ଲୋକେ ତୁରନ୍ତ ଝାଡୁଧରି ସଫା କରିବା ଆରମ୍ଭ କରିଦେଇଥିଲେ । ଖୁବ୍ କମ୍ ସମୟ ମଧରେ ଗ୍ରାମର ଉତ୍ତର ଠାରୁ ଦକ୍ଷିଣ ପାର୍ଶ୍ୱ ଚକାଚକ୍ ହୋଇଯାଇଥିଲା । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ଗ୍ରାମବାସୀଙ୍କ ସାମର୍ଥ୍ୟରେ ପରିଣତ ହୋଇଯାଇଥିଲା ।



ସ୍ୱଚ୍ଛ ରହିବାର ପଣ - ଚାଲିଛି ସାମୁହିକ ସଫେଇ କାର୍ଯ୍ୟ

**ସାମୁହିକ ସଫେଇରେ ସାମିଲ**

| ଗ୍ରାମ | ପୁରୁଷ | ମହିଳା | ମୋଟ |
|---|---|---|---|
| ଥୁଟିବର | ୨୨ | ୧୬ | ୩୮ |
| କାମକେଡ଼ା | ୧୨୦ | ୯୮ | ୨୧୮ |
| ବାଲିମାଟି | ୩୫ | ୨୮ | ୬୩ |

ନୂଆପଡ଼ା ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଗଠିତ ଜଳବନ୍ଧୁ ମଞ୍ଚ ଓ ଗ୍ରାମ୍ୟ ଜଳ ଓ ପରିମଳ କମିଟିଗୁଡ଼ିକ ସ୍ୱଚ୍ଛ ଭାରତ ଅଭିଯାନକୁ ଜନ ଆନ୍ଦୋଳନ ଭାବେ ଗ୍ରହଣ କରିଛନ୍ତି । ଏବେ ନୁହଁ ତ କେବେ ନୁହଁ ନାରା ଦେଇ ଗାଁ ଗାଁରେ ଆରମ୍ଭ ହୋଇଛି ପରିମଳ ଅଭିଯାନ । ସମସ୍ତ ବର୍ଗର ଜନସାଧାରଣ ଏଥିରେ ଭାଗ ନେଉଛନ୍ତି । ସଭା, ଶୋଭାଯାତ୍ରା, ସାମୁହିକ ଶପଥପାଠ ଓ ଗାଁ ସଫେଇର ଦୃଶ୍ୟ ଏବେ ବିଭିନ୍ନ ଗାଁରେ ଦେଖିବାକୁ ମିଳୁଛି ।

# ରେଙ୍ଗର ରଙ୍ଗ ବଦଳିଲା

**ଚାରି ବର୍ଷ ଧରି ବିଦ୍ୟୁତ୍ ସଂଯୋଗ ଅଭାବରୁ ଅଚଳ ହୋଇ ପଡ଼ିରହିଥିଲା ରେଙ୍ଗ ଗାଁର ପାଇପ୍ ଜଳ ପ୍ରକଳ୍ପ । ଯୁବକମାନଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସକ୍ରିୟ ଯୋଗଦାନରେ ଏବେ କିନ୍ତୁ ଗାଁ ଲୋକେ ପାଉଛନ୍ତି ପାଇପ ମାଧ୍ୟମରେ ସୁରକ୍ଷିତ ପାଣି ।**

ଘଣ୍ଟାଏ ସରିବା ପରେ ବି ରେଙ୍ଗ ଗାଁର ଯୁବକଙ୍କ ବୈଠକରେ କିଛି ଠୋସ ନିଷ୍ପତ୍ତି ହୋଇ ପାରୁ ନଥାଏ । ଗାଁରେ ଥିବା ଅଚଳ ପାଇପ ପାଣି ପ୍ରକଳ୍ପ କେମିତି ଚାଲିବ ତାହାରି ହେଉଥାଏ ଚର୍ଚ୍ଚା । ପ୍ରତି ପ୍ରସ୍ତାବର ସମର୍ଥନରେ କେହି କେହି ବାହାରୁଥିବା ବେଳେ ବିରୋଧରେ ବି ବାହାରୁଥିଲେ ଅନେକ । ଏଥର ଆସିଲା ତେଜରାଜ ମେହେରଙ୍କ ଏକ ପ୍ରସ୍ତାବ । "ସବୁ କଥାରେ ବାହାର ଲୋକଙ୍କ ଉପରେ ଆଶ୍ରା କାହିଁକି କରିବା ? ସମାଧାନର ଆରମ୍ଭ ତ ଆମ ହାତରେ ଅଛି", କହିଲେ ତେଜରାଜ । ସେତେବେଳ ଯାଏ ବୈଠକରେ ଉପସ୍ଥିତ ଥିବା ଯୁବକମାନେ ତାଙ୍କ ଗାଁର ପାଇପ ଜଳ ଯୋଗାଣ ପ୍ରକଳ୍ପର ଅଚଳ ସ୍ଥିତି ପାଇଁ ଅନ୍ୟକୁ ହିଁ ଦୋଷ ଦେଉଥିଲେ ଓ ଅନ୍ୟଠି ହିଁ ତାହାର ସମାଧାନ ଦେଖୁଥିଲେ । କିନ୍ତୁ ତେଜରାଜଙ୍କ ପ୍ରସ୍ତାବ ଆଲୋଚନାର ମୋଡ଼ ବଦଳାଇ ଦେଲା । ବୈଠକରେ ଉପସ୍ଥିତ ଥିବା ଯୁବକ ମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ 'ବୋଲବମ୍ କମିଟୀ'ର ସଦସ୍ୟ । "ଆମ ବୋଲବମ୍ କମିଟୀର ପାଣ୍ଠିରେ ଟଙ୍କା ରହିଛି । ସେହି ଟଙ୍କାରୁ ଆମେ ପାଇପ ପ୍ରକଳ୍ପର ବକେୟା ବିଦ୍ୟୁତ୍ ବିଲ୍ ପ୍ରଦାନ କରି ନୂଆ ଟ୍ରାନ୍ସଫର୍ମର ପାଇଁ ଦାବୀ କରିବା", କହିଲେ ତେଜରାଜ । ଅନ୍ୟ ସବୁ ପ୍ରସ୍ତାବ ଭଳି ଏହି ପ୍ରସ୍ତାବ ଉପରେ ମଧ୍ୟ ଚର୍ଚ୍ଚା ହେଲା । ଅନେକେ କହିଲେ, ବୋଲ ବମ୍ ପାଣ୍ଠିରୁ କାହିଁକି ଟଙ୍କା ଦେବା... ଯଦି ବି ଦେବେ ଗାଁ ଲୋକେ ଦେବେ... ଗାଁ ଲୋକେ ବା କାହିଁକି ଦେବେ, ପାଇପ ପ୍ରକଳ୍ପ ତ ଚଳାଇବା ସରକାରଙ୍କ କାମ...; ଏମିତି ଅନେକ ପ୍ରଶ୍ନ ଆସିଲା । ତେଜରାଜ ଏଥର କହିଲେ, "ବୋଲବମ୍ କମିଟୀ ପାଣ୍ଠିରୁ ଟଙ୍କାକୁ ଋଣ ହିସାବରେ ଦେବା । ପ୍ରକଳ୍ପଟି ଚାଲିଲେ ଏଥର ଗାଁ ଲୋକେ ଚାନ୍ଦା ଦେବା ଆରମ୍ଭ କରିବେ



ଗ୍ରାମବାସୀଙ୍କ ଉଦ୍ୟମରେ ସଜଡ଼ା ହେଲା ଜଳ ପ୍ରକଳ୍ପ

ଏବଂ ତହିଁରୁ ବୋଲବମ୍ କମିଟୀ ପ୍ରଦାନ କରିଥିବା ଋଣ ଧୀରେ ଧୀରେ ପରିଶୋଧ ହୋଇଯିବ”, ବୁଝାଇଲେ ତେଜରାଜ। ପ୍ରସ୍ତାବଟି ବୋଲବମ୍ କମିଟୀର ସଭାପତି ତୁଳସୀ ରଣାଙ୍କ ମନକୁ ପାଇଲା। ପରେ ଉପସ୍ଥିତ ଥିବା ସମସ୍ତ ଯୁବକ ଏହା ସବୁଠାରୁ ଭଲ ସମାଧାନ ପନ୍ଥା ବୋଲି ବିଚାର କଲେ। ନିଷ୍ପତ୍ତି ହେଲା ଯେ କମିଟୀର ସଦସ୍ୟମାନେ ଘର ଘର ବୁଲି ଯୋଜନା ବିଷୟରେ ବୁଝାଇବେ। ଆହୁରି ନିଷ୍ପତ୍ତି ହେଲା ଯେ କମିଟୀର ଏକ ଦଳ ବିଦ୍ୟୁତ୍ ବିଭାଗ ଅଫିସକୁ ଯାଇ ବକେୟା ବିଦ୍ୟୁତ୍ ଦେୟ ବିଷୟରେ ଅଧିକାରୀଙ୍କ ସହିତ ଆଲୋଚନା କରିବେ। ଉଭୟ ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଗଲା। ରେଙ୍ଗ ଗାଁର ଅଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପୁଣି ସଚଳ ହେବାର ପଥ ଉନ୍ମୁକ୍ତ ହୋଇଗଲା।

ନୂଆପଡ଼ା ଜିଲ୍ଲା କୁରେଶ୍ୱର ପଞ୍ଚାୟତର ଏକ ବଡ଼ ଗାଁ ହେଉଛି ରେଙ୍ଗ। ମେହେର, ଗଣ୍ଡ, ଶବର, ଗଉଡ଼, କୁମ୍ଭାର, କେଉଟ ଆଦି ଜାତିର ୩୧୬ଟି ପରିବାରର ଏକ ବସତି। ଗାଁ ଲୋକଙ୍କର ଆର୍ଥିକ ସ୍ଥିତି ଏତେ ଭଲ ନୁହେଁ। ତେବେ କିଛି ମେହେର ପରିବାରର ଆର୍ଥିକ ସ୍ଥିତି ଗାଁର ହାରାହାରି ଠାରୁ ଭଲ। ୨୦୦୮ ମସିହାରେ ସରକାରଙ୍କ ସ୍ୱଜଳଧାରା ଯୋଜନାରେ ପ୍ରାୟ ସାଢ଼େ ସାତ ଲକ୍ଷ ଟଙ୍କା ବ୍ୟୟରେ ଗାଁରେ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଗାଁର କିଛି ଲୋକ ଅବଶ୍ୟ ଚାନ୍ଦା ଦେଇଥିଲେ ପ୍ରକଳ୍ପରେ ଧାର୍ଯ୍ୟଥିବା ଅଂଶଧନ ବାବଦରେ କିନ୍ତୁ ଗାଁର ଅଧିକାଂଶ ଲୋକ ପ୍ରକଳ୍ପ ବିଷୟରେ ବିଶେଷ କିଛି ଜାଣି ନ ଥିଲେ। ପ୍ରକଳ୍ପଟି କାର୍ଯ୍ୟ ଆରମ୍ଭ କଲା। ୧୫୦୦ ମିଟର ଲମ୍ବର ପାଇପ ପଡ଼ିଲା, ୩୨ଟି ପରିବାର ଘରୋଇ ସଂଯୋଗ ନେଲେ ଓ ଗାଁ ଦାଣ୍ଡରେ ୧୬ଟି ଷ୍ଟାଣ୍ଡ୍‌ପୋଷ୍ଟ୍ ବସିଲା। ପ୍ରକଳ୍ପଟି ପ୍ରାୟ ଦେଢ଼ବର୍ଷ ଭଲରେ ଚାଲିଲା। କିନ୍ତୁ ତାହାର ଦୂରାବସ୍ଥା ଆରମ୍ଭ ହୋଇଗଲା ୨୦୦୮ ମସିହା ଅଗଷ୍ଟ ମାସରୁ। ଚାଷ ସମୟରେ ଲଙ୍ଗଳ ମୁନ ଲାଗି ପାଇପ ଫାଟିଗଲା। ପାଇପ ଫାଟିବା ଫଳରେ ଉପରପଡ଼ାକୁ ଆଉ ପାଣି ଗଲା ନାହିଁ। ତାହାର କିଛି ମାସ ପରେ ପମ୍ପ୍‌ଟି ପୋଡ଼ିଗଲା। ଏଥର ପ୍ରକଳ୍ପଟି ପୁରା ବନ୍ଦ ପଡ଼ିଲା। ଗାଁ ଲୋକେ ଜଳ ପରିମଳ ବିଭାଗ ଓ ପଞ୍ଚାୟତ ନିକଟରେ ଦାବୀ ଉପସ୍ଥାପନ କଲେ ଅବଶ୍ୟ କିନ୍ତୁ କିଛି ହେଲା ନାହିଁ।

ଗାଁର ଯୁବକଙ୍କ ନେତୃତ୍ୱ ସେତେବେଳଠୁ ଆରମ୍ଭ ହୋଇଯାଇଥିଲା। ଗାଁ ଯୁବକ ସଂଘର ଏକ ପ୍ରତିନିଧି ଦଳ ବିଧାୟକଙ୍କୁ ଭେଟି ପାନୀୟ ପ୍ରକଳ୍ପକୁ ସଚଳ କରିବା ପାଇଁ ଦାବୀ ରଖିଲା। ନୂଆପଡ଼ାର ତତ୍କାଳୀନ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଧାୟକଙ୍କ ହାତ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ମଞ୍ଜୁର କଲେ। ସେହି ଟଙ୍କାରେ ଜଳ ପରିମଳ ବିଭାଗ ତରଫରୁ ପମ୍ପ ମରାମତି ହେଲା, ଫଟା ପାଇପ୍ ବଦଳରେ ନୂଆ ପାଇପ୍ ଲାଗିଲା, ନୂଆକରି ୧୦୦ ଫୁଟ ପାଇପ୍ ବଢ଼ିଲା, ଓଭରହେଡ୍ ଟାଙ୍କିରେ ଢାଙ୍କୁଣି ଲାଗିଲା ଓ ଟାଙ୍କି ଉପରକୁ ସିଡ଼ି ତିଆରି ହେଲା। ପ୍ରକଳ୍ପଟି ପୁଣି କାର୍ଯ୍ୟକ୍ଷମ ହେଲା। କିନ୍ତୁ ଚାଲିଲା ମୋଟେ ତିନି ମାସ। ୨୦୦୯ର ଗ୍ରୀଷ୍ମଋତୁ ଆରମ୍ଭରୁ ହିଁ ପୋଡ଼ିଗଲା ବିଦ୍ୟୁତ ଟ୍ରାନ୍ସଫର୍ମର। ବକେୟା ବିଦ୍ୟୁତ୍ ପାଉଣା ନ ମିଳିଲେ ନୂଆ ଟ୍ରାନ୍ସଫର୍ମର ବସିବନି ବୋଲି ରୋକଠୋକ କହିଦେଲେ ବିଦ୍ୟୁତ୍ ବିଭାଗର ଅଧିକାରୀ। ଏଥର ସବୁ ଠପ୍ ପଡ଼ିଗଲା। ତାହାର ଦୀର୍ଘ ଚାରି ବର୍ଷଯାଏ କେହି ବି ମୁଣ୍ଡ ଖେଳାଇଲେନି। ମଝିରେ ମଝିରେ ଗାଁ ଲୋକେ ଜଳ ପରିମଳ ବିଭାଗ ନିକଟରେ ଦାବୀ ସିନା କରୁଥାନ୍ତି କିନ୍ତୁ ଅନ୍ୟ କିଛି ହେଉ ନଥାଏ। ୨୦୧୩ ମସିହାରେ ଦୁଇଟି ଘଟଣା ପରିସ୍ଥିତିରେ ମୋଡ଼ ଆଣିଲା। ଆରସିଡିସିର ଏକ ପ୍ରକଳ୍ପ ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହେଲା। ରେଙ୍ଗ ବି ସେହି ପ୍ରକଳ୍ପ ଅଧୀନରେ ଥିବା ଏକ ଗାଁ। ଆରସିଡିସିର କର୍ମୀମାନେ ବାରମ୍ବାର ଆସି ସ୍ୱଚ୍ଛ ଓ ସୁରକ୍ଷିତ ଜଳ ପରିମଳ କଥା କହିଲେ। କିଛି ବୈଠକରେ ଆରସିଡିର କର୍ମୀଙ୍କ ସହ ଜଳପରିମଳ ବିଭାଗର ଅଧିକାରୀ ମଧ୍ୟ ଯୋଗଦେଲେ। “ଗାଁରେ ଜଳ ପରିମଳ ସ୍ଥିତି ବିଷୟରେ ଆଲୋଚନା ହେଲା, ମାନଚିତ୍ର ପ୍ରସ୍ତୁତ ହେଲା। ଦାୟିତ୍ୱ, କର୍ତ୍ତବ୍ୟ, ସୁଯୋଗ, ସମ୍ଭାବନାର ତର୍ଜମା ହେଲା। ସେହିଭଳି ଏକ ବୈଠକରେ ଗାଁର ଅଚଳ ଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ କଥା ବି ପଡ଼ିଲା। ଗାଁର ବୈଠକରେ ପାଇପ୍ ପ୍ରକଳ୍ପ କାହିଁକି ଚାଲୁନାହିଁ ତାହାର ତର୍ଜମା କଲୁ ଏବଂ ଜାଣିଲୁ ଯେ କେବଳ ବିଦ୍ୟୁତ୍ ଦେୟ ପ୍ରଦାନ କରିଦେଲେ ପାଣି ମିଳିବା ପୁଣି ଆରମ୍ଭ ହୋଇଯିବ”, ମନେ ପକାଇ କହନ୍ତି ରେଙ୍ଗର ୱାର୍ଡ଼ମେମ୍ବର ହୃଷି ଶବର। ଠିକ୍ ସେତିକି ବେଳେ ପଡ଼ୋଶୀ ଗ୍ରାମ ଚହକୋପଡ଼ାରେ ବ୍ୟାପିଥାଏ ଝାଡ଼ାବାନ୍ତି ରୋଗ। ସେହି ବିପଦର ଆଶଙ୍କା ଲୋକଙ୍କୁ ଆହୁରି ସଚେତନ କରିଦେଲେ। ରେଙ୍ଗର ସମସ୍ତ ନଳକୂଅରେ ଅତ୍ୟଧିକ ଫ୍ଲୋରାଇଡ୍ ଥିବା ଚିହ୍ନଟ ହୋଇ ସାରିଥିଲା। ତେଣୁ ଗାଁ ଲୋକେ କୂଅ ପାଣି ପିଉଥିଲେ। ସେମିତି କୂଅ ପାଣି ପିଇ ଚହକୋପଡ଼ାର ଲୋକେ ଭୋଗୁଥିଲେ ଝାଡ଼ାବାନ୍ତି ରୋଗ। ଗାଁର ସଭାମାନଙ୍କରେ ଯୁବକମାନେ ବି ଉପସ୍ଥିତ ରହୁଥାନ୍ତି। ଗାଁର ଯୁବକ ସଂଘ ଓ ବୋଲବମ୍ ସଂଘରେ ଏକତା ଅତି ପ୍ରବଳ। ଗାଁରେ ହୋଇଥିବା ଏକ ସଭାର ପାଇପ ପ୍ରକଳ୍ପ ଆଲୋଚନା ଶୁଣିବା ପରେ ବୋଲବମ୍ କମିଟୀରେ ସ୍ୱତନ୍ତ୍ର ଭାବରେ ତାହାକୁ ନେଇ ଆଲୋଚନା ହୋଇଥିଲା ଯେଉଁଠି ତେଜରାଜଙ୍କ ପ୍ରସ୍ତାବରେ ମୋହର ବସିଥିଲା। ବୋଲବମ୍ କମିଟୀର ପ୍ରସ୍ତାବ ଅନୁସାରେ ଯୁବକମାନେ ଗାଁର ପ୍ରତ୍ୟେକ ଘରକୁ ଗଲେ ଏବଂ ଯୋଜନା ବିଷୟରେ କହିଲେ। ପ୍ରଭାବଶାଳୀ ବୋଲବମ୍ କମିଟୀର ପ୍ରସ୍ତାବକୁ ଗାଁର ପ୍ରାୟ ସମସ୍ତ ପରିବାର ଗ୍ରହଣ କଲେ। ଅନ୍ୟ ଏକ ଦଳ ବିଦ୍ୟୁତ୍ ବିଭାଗ ଅଫିସକୁ ଯାଇ ବିଲ୍ ଆଦି ବିଷୟରେ ତଥା ଟ୍ରାନ୍ସଫର୍ମର ବିଷୟରେ କଥା ହେଲେ। ବିଦ୍ୟୁତ୍ ବିଭାଗ ମୋଟ ୩୬,୦୦୦ ଟଙ୍କାର ପାଉଣା ବକେୟା ଥିବାର କହିଲେ। ତେବେ ହିସାବ ପରେ ୨୭,୦୦୦ ଟଙ୍କା ପୈଠ କଲେ ବିଦ୍ୟୁତ୍ ସଂଯୋଗ ପୁନଃ ସ୍ଥାପିତ ହୋଇପାରିବ ବୋଲି ଧାର୍ଯ୍ୟ ହେଲା। ଉଭୟ କାମ ହୋଇଗଲା। ବୋଲବମ୍ କମିଟୀର ପାଣ୍ଠିରୁ ୨୭,୦୦୦ ଟଙ୍କା କାଢ଼ି ତୁରନ୍ତ ବିଦ୍ୟୁତ୍ ବକେୟା ପ୍ରଦାନ ହୋଇଗଲା। କିଛି ଦିନ ପରେ ନୂଆ ଟ୍ରାନ୍ସଫର୍ମର ବସିଲା ଓ ଚାରି ବର୍ଷ ଧରି ଅଚଳ ଥିବା ପ୍ରକଳ୍ପ ପୁଣି ପାଣି ଯୋଗାଇବା ଆରମ୍ଭ କରିଦେଲା। ତେବେ ଏଥର ପାଇପ ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା ବ୍ୟବସ୍ଥା ପୂର୍ବଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଏଥର ସମୁଦାୟ ପ୍ରକଳ୍ପର ପରିଚାଳନା ଭାର ନିଜ ମୁଣ୍ଡକୁ ନେଇ ସାରିଥିଲେ ଗ୍ରାମବାସୀ, ବିଶେଷକରି ଗାଁର ଯୁବକ ସଂଘ ଓ ବୋଲବମ୍ ସଂଘ। ହଜାରେ ଟଙ୍କା ଦରମାରେ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପମ୍ପ୍ ଚାଳକ ଭାବରେ ନିଯୁକ୍ତି ଦିଆଗଲା। ସେ ଦିନକୁ ଦୁଇଥର ପମ୍ପ୍ ଚଲାଇବା ସହିତ ଗାଁର ସମସ୍ତ ପରିବାର ଠାରୁ ମାସିକିଆ ଚାନ୍ଦା ଆଦାୟ କରିବାର ଦାୟିତ୍ୱ ତାଙ୍କୁ ପ୍ରଦାନ



ପାଣି ପାଇଁ ଅପେକ୍ଷାରତ ରେଙ୍ଗା ଗ୍ରାମର ମହିଳା

କରାଗଲା । ନିଜ ଘରକୁ ପାଇପ୍ ସଂଯୋଗ ନେଇଥିବା ୨୬ଟି ପରିବାର ଠାରୁ ପ୍ରତି ମାସରେ ୫୦ ଟଙ୍କା ଲେଖାଏଁ ଏବଂ ଷ୍ଟାଣ୍ଡପୋଷ୍ଟ୍ରୁ ପାଣି ନେଉଥିବା ବଳକା ୧୫୪ ପରିବାର ମାସକୁ ୧୦ ଟଙ୍କା ହିସାବରେ ଚାନ୍ଦା ଦେବା ନିୟମିତ ଅଭ୍ୟାସରେ ପରିଣତ ହୋଇଗଲା ।

ପ୍ରତି ମାସ ଚାନ୍ଦା ହିସାବରେ ଆଦାୟ ହୋଇଚାଲିଲା ୨୮୦୦ ଟଙ୍କା । ସେହି ଚାନ୍ଦାରୁ ଦିଆ ହେଉଛି ପମ୍ପ ଚାଳକଙ୍କ ଦରମା ଏବଂ ବିଦ୍ୟୁତ୍ ବିଲ୍ । ତାହା ସହିତ ସେହି ଚାନ୍ଦାରୁ ବୋଲବମ୍ କମିଟୀ ପ୍ରଦାନ କରିଥିବା ୨୭,୦୦୦ ଟଙ୍କା ମଧ୍ୟ ପରିଶୋଧ ହୋଇସାରି ଏବେ ପାଣ୍ଠି ବଢ଼ି ଚାଲିଛି । ଗାଁରେ ଏବେ ଏକ ଜଳ ପରିମଳ କମିଟୀ ଗଠିତ ହୋଇସାରିଛି । ସେହି କମିଟୀ ଚାନ୍ଦାର ହିସାବ ରଖିବା ସହିତ ପାନୀୟ ଜଳ ପ୍ରକଳ୍ପର ଦେଖରେଖ ଦାୟିତ୍ୱ ନେଇ ସାରିଲାଣି । ରେଙ୍ଗ ଗାଁର ସବୁ ଅଞ୍ଚଳକୁ ଏବେ ସୁଦ୍ଧା ପାଇପ ଜଳ ପହଞ୍ଚିପାରି ନାହିଁ । ଗ୍ରୀଷ୍ମ ଋତୁରେ ପାଣିର ଅଭାବ ମଧ୍ୟ ପଡ଼େ । କିନ୍ତୁ ଗାଁ ଲୋକେ ତଥାପି ବି ଅନ୍ୟ ଗାଁ ତୁଳନାରେ ଢେର ଭଲରେ ପାଣି ପାଉଛନ୍ତି । "ଅଳ୍ପ କିଛି ଟଙ୍କାର ବିଦ୍ୟୁତ୍ ବିଲ ବକେୟା ପାଇଁ ଚାରି ବର୍ଷ ଧରି ଆମେ ପାଇପରେ ପାଣି ପାଉ ନଥିଲେ । ନିଜେ କଷ୍ଟ ଭୋଗୁଥିଲେ । ଏବେ ଆମେ ନିଜ ଦାୟିତ୍ୱ ନିଜ ହାତରେ ନେଇଛୁ । ଆମ ଗାଁର ଜଳ ଯୋଗାଣ ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ ଓ ପରିବର୍ଦ୍ଧିତ କରିବା ପାଇଁ ଆମେ ଏବେ ଚେଷ୍ଟିତ", କହନ୍ତି ଯୁବକମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଥିବା ତେଜରାଜ । କୁରେଶ୍ୱର ସରପଞ୍ଚ ମହୋଦୟା ନେପୁର ମାଝୀ ମଧ୍ୟ ଗ୍ରାମବାସୀଙ୍କ ଉଦ୍ୟମରେ ଉତଫୁଲ୍ଲିତ । "ଗାଁ ଲୋକେ ଏମିତି କାମ କରି ଚାଲିଲେ ସରକାର ମଧ୍ୟ ନିଜ କାମ କରିବା ପାଇଁ ଚାପରେ ରହିବ", କହନ୍ତି ନେପୁର । ଏବେ ରେଙ୍ଗ ଗାଁ ପାଖପଡ଼ୋଶୀ ଗାଁ ମାନଙ୍କ ପାଇଁ ଏକ ଆଦର୍ଶ ସୃଷ୍ଟି କରିଛି । ପାଇପ୍ରେ ପାଣି ପାଇଁ ସେମାନେ ସରକାରଙ୍କ ପାଖରେ ନେହୁରା ହେଉ ନାହାନ୍ତି, ନିଜର କର୍ତ୍ତବ୍ୟ କରିଛନ୍ତି ଓ ଭବିଷ୍ୟତ ପାଇଁ ବାସ୍ତବ ଦାବୀ ରଖିଛନ୍ତି । ଖାଲି ଯେ ପାଇପ୍ରେ ପାଣି ପାଇ ପାରିଛନ୍ତି ତାହା ନୁହେଁ, ପାଉଥିବା ପାଣି କେମିତି ସ୍ୱଚ୍ଛ ଓ ସୁରକ୍ଷିତ ରହିବ ତାହାର ବି ନିରନ୍ତର ପ୍ରୟାସ ଚାଲିଛି । ନିୟମିତ ପାଣି ପରୀକ୍ଷା ହେଉଛି, ଷ୍ଟାଣ୍ଡପୋଷ୍ଟ୍ର ପରିବେଶ ସଫାସୁତରା ରହୁଛି । ଏବେ ରେଙ୍ଗର ରଙ୍ଗ ବଦଳିଛି ।

# ପରିତ୍ୟକ୍ତ କୂଅ ହୋଇଗଲା ପରିମଳ କୂଅ

**ମହିଳାମାନେ ଶ୍ରମ ଦେଲେ ଓ ଅର୍ଥ ବି ଦେଲେ । ତାଙ୍କ ଉଦ୍ୟମରେ ଗାଁ ଦାଣ୍ଡରୁ ବର୍ଷବର୍ଷର ନର୍ଦ୍ଦମା ହଟିଲା, ପଙ୍କପୋକ ସଫାହେଲା, ଦୁର୍ଗନ୍ଧ ପରିବେଶରେ ଥିବା କୂଅ ହେଲା ପିଇବା ଉପଯୋଗୀ ।**

ନୂଆପଡ଼ା ଜିଲ୍ଲା ବେଲଟୁକୁରି ପଞ୍ଚାୟତର ଗୁଡ଼ାପତରା ଗାଁର ମହିଳାମାନେ ପରିମଳ ବାବଦରେ ସଚେତିତ ହେବା ପରେ ଶ୍ରମଦାନ କରି ଗାଁ ମୁଣ୍ଡରେ ଜମି ରହିଥିବା ନର୍ଦ୍ଦମାକୁ ସଫାସୁତୁରା କରି ଅନେକଙ୍କ ପାଇଁ ପ୍ରେରଣା ଯୋଗାଇଛନ୍ତି । ନର୍ଦ୍ଦମା ନିକଟରେ ଥିବା ଏକ ପରିତ୍ୟକ୍ତ କୂପକୁ ପରିଣତ କରାଇଛନ୍ତି ପରିମଳ କୂପରେ । ଏବେ ଆଉ ନର୍ଦ୍ଦମା ପାଣି ଜମା ହୋଇ ରହୁନାହିଁ । ସେହି ରାସ୍ତା ଦେଇ ଯିବାବେଳେ କେହି ଆଉ ନାକ ବନ୍ଦ କରି ଯାଉନାହାନ୍ତି । ବୁଲା ଗାଈ ଗୋରୁ ମଶାମାଛି ବୁଲା କୁକୁରଙ୍କ ଆଶ୍ରୟସ୍ଥଳ ପାଲଟିଥିବା ଗାଈଗୋଠ ଛକର ନର୍ଦ୍ଦମା ଏବେ ବେଶ୍ ସଫାସୁତୁରା ହୋଇ ପାରିଛି ଏବଂ ଏଥିପାଇଁ ମହିଳା ଦଳ ସମସ୍ତ ଶ୍ରେୟର ପାତ୍ର ଦର୍ଶାନ୍ତି ଗାଁର ଜଣେ ବୟସ୍କ ଅଧିବାସୀ ରାମେଶ୍ୱର ସତନାମୀ ।

ବେଲଟୁକୁରୀ ପଞ୍ଚାୟତ ଗୁଡ଼ାପତରା ରାଜସ୍ୱ ଗ୍ରାମର ୧୨୪ ପରିବାରରେ ରହନ୍ତି ୬୦୦ ଲୋକ । ଗାଁ ମୁଣ୍ଡ ଗାଈଗୋଠ ଛକରେ ଏକ ପରିତ୍ୟକ୍ତ ଖୋଲା କୂପରୁ ପାଣି ଝରି ଆଖପାଖର ଖଣ୍ଡେ ଜାଗା ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥାଏ । ସେ ବାଟ ଦେଇ ଯାଉଥିବା ଲୋକେ ନାକରେ ହାତ ଦେଇ ଯାଆନ୍ତି । ମଶାଙ୍କ ଏନ୍ତୁଡ଼ିଶାଳ ହୋଇଥିବା ଏହି ଜାଗାରେ ଘଡ଼ିଏ ଠିଆହେବାକୁ କେହି ପସନ୍ଦ କରନ୍ତି ନାହିଁ । ଗାଈ ବଳଦ ପଚା ପଙ୍କ କାଦୁଅରେ ଲସର ପସର ହୋଇଥାନ୍ତି । ଦୁର୍ଗନ୍ଧ ପରିବେଶ ଯୋଗୁଁ ପାଖରେ ଥିବା ଖୋଲା କୂପଟି ମଧ୍ୟ ଅଦରକାରୀ ହୋଇପଡ଼ିଥାଏ ।

ଏହିଭଳି ବିକଟ ପରିସ୍ଥିତିକୁ ସୁଧାରିବା ପାଇଁ ଗାଁଲୋକଙ୍କର ବି ଯେ ଭୂମିକା ଥାଇପାରେ ତାହା କେହି ଅନୁଭବ କରୁ ନଥିଲେ । ଆର୍‌ସିଡିସି ତାହାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଗାଁ ମଧ୍ୟରେ ଗୁଡ଼ାପତରା ମଧ୍ୟ ଗୋଟିଏ । ପ୍ରଥମେ ଯେତେବେଳେ ଜଳ ପରିମଳ ବିଷୟରେ ଗାଁରେ ଆଲୋଚନା ହେବା ଆରମ୍ଭ ହେଲା ଜଣେ ଦି ଜଣ ଛାଡ଼ି କେହି ବି ଆଗ୍ରହୀ ନ ଥିଲେ । କ୍ରମଶଃ ମହିଳାମାନଙ୍କ ସହିତ ଅନ୍ୟ କିଛି ବ୍ୟକ୍ତି ବି ଆଲୋଚନାମାନଙ୍କରେ ଯୋଗଦେବା ଆରମ୍ଭ



ନର୍ଦ୍ଦମା ପୋତିବା ପାଇଁ ଟ୍ରାକ୍ଟରକୁ ମାଟି ଉଠାଉଛନ୍ତି ମହିଳା ଦଳ



ଶେଷରେ ପ୍ରୟାସ ସାକାର ହେଲା : ନର୍ଦ୍ଦମାକୁ ସମତୁଲ କରିବା ପାଇଁ ମାଟି ପକାଯାଉଛି

କଲେ। ଆଲୋଚନାମାନଙ୍କରେ ଗାଁର ଜଳ ପରିମଳ ସ୍ଥିତି ଚର୍ଚ୍ଚା ହେବା ଆରମ୍ଭ ହେଲା। ଏମିତି ଏକ ଆଲୋଚନାରେ ଅବ୍ୟବହୃତ ହୋଇ ପଡ଼ିଥିବା ସେହି କୂଅର ଚର୍ଚ୍ଚା ପଡ଼ିଲା। କୂଅ ନିକଟର ନର୍ଦ୍ଦମା କଥା ମଧ୍ୟ ଗାଁ ଲୋକେ ଆଲୋଚନା କଲେ। ପ୍ରତିକାର କରିବା ପାଇଁ ପଞ୍ଚାୟତ ଓ ସରକାରୀ ବିଭାଗକୁ ଚିଠି ଲେଖିଲେ। କିନ୍ତୁ ପରିସ୍ଥିତିରେ କିଛି ପରିବର୍ତ୍ତନ ହେଲା ନାହିଁ।

ଏହା ପରର ଏକ ବୈଠକରେ ପଞ୍ଚାୟତ କି ସରକାରୀ ଲୋକେ କିଛି ଶୁଣୁ ନଥିବା ନେଇ ଚର୍ଚ୍ଚା ହେଲା। "ଗାଁର କିଛି ମହିଳା କହିଲେ ଏହା ଆମ ଗାଁର ସମ୍ମାନର କଥା ଓ ଆମର ଜଳ ଆବଶ୍ୟକତାର କଥା। ଆମେ ଏହାର କିଛି ପ୍ରତିକାର କରିବା," କହନ୍ତି ଗାଁର ଅଗ୍ରଣୀ ମହିଳା ଦେବକୀ ସତନାମୀ। ଦେବକୀ ସେଭଳି ମହିଳାଙ୍କ ମଧ୍ୟରେ ଅଗ୍ରଣୀ ଥିଲେ। ଗାଁ ବୈଠକରେ ମହିଳାମାନେ ସେହି ନର୍ଦ୍ଦମାକୁ ପୋତିବା ନିଷ୍ପତ୍ତି ନେଲେ ଓ ତୁରନ୍ତ ତହିଁରେ ଲାଗିଗଲେ। "ଆମେ ସିଙ୍ଗପୁର ପାଖ ପଡ଼ିଆରୁ ୩ ଟ୍ରିପ୍ ମୋରମ ଓ ଏକ ଟ୍ରାକ୍ଟର ଭର୍ତ୍ତି ପଥର ଆଣି ନର୍ଦ୍ଦମାରେ ପୋତି ବସାଉଠା କରିବା ଭଳି ସୁନ୍ଦର ଜାଗାଟିଏ ତିଆରି କରିପାରିଲୁ", କହନ୍ତି ଶ୍ରୀମତୀ ସତ୍‌ନାମୀ। "ଦେବକୀ ମାଗଣାରେ ନିଜର ଟ୍ରାକ୍ଟର ଯୋଗାଇ ଦେଇଥିଲେ ଓ ଗାଁର ଅନ୍ୟ ସମସ୍ତ ମହିଳା ଶ୍ରମଦାନ କରିବାରୁ ବର୍ଷ ବର୍ଷର ନର୍ଦ୍ଦମା ଓ ଦୁର୍ଗନ୍ଧ ଦୂର ହୋଇପାରିଲା", ଦର୍ଶାଇଥିଲେ ୱାର୍ଡ଼ମେମ୍ୱର ମିଳନ୍ ବରିହା।

ନର୍ଦ୍ଦମା ପୋତା ହୋଇସାରିବା ପରେ ନଜର ପଡ଼ିଲା ଅବ୍ୟବହୃତ ଖୋଲା କୂପଟି ଉପରେ। ଏହାର ପାଣି ମିଠା ଥିଲା। ଫ୍ଲୋରାଇଡ୍ ପ୍ରଦୂଷଣରୁ ମୁକ୍ତ ଥିଲା। ଏହାକୁ ପୁନଃଉଦ୍ଧାର କରି ପରିମଳ କୂପ ରୂପେ ବଦଳାଗଲେ ପିଇବା ପାଣିର ସମସ୍ୟା ସମାଧାନ ହୋଇପାରିବ ବୋଲି ଗ୍ରାମସଭାରେ ଆଲୋଚନା କରାଗଲା। ଏଥିପାଇଁ ୫୦ହଜାର ଖର୍ଚ୍ଚର ଅଟକଳ ବି ପ୍ରସ୍ତୁତ ହେଲା।

ଦୁଇ ଟ୍ରକ୍ ଇଟା କିଣିବା ବାବଦକୁ ୭,୦୦୦ଟଙ୍କା, ୧ ଟ୍ରିପ୍ ବାଲି ବାବଦକୁ ୭୦୦ ଟଙ୍କା, ୧ କ୍ୟୁଣ୍ଟାଲ ଲୁହାଛଡ଼ ୪,୫୦୦ ଟଙ୍କା, ମେଟାଲ ବାବଦକୁ ୧,୮୦୦ ଟଙ୍କା, ଚିପ୍‌ସ୍ ୫,୫୦୦ ଟଙ୍କା ଓ ୧୫ ବସ୍ତା ସିମେଣ୍ଟ ବାବଦକୁ ୪,୬୫୦ ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶି ୫୦ ହଜାର ଟଙ୍କା ହେଲେ ଯାଇ ପରିମଳ କୂପଟିଏ ହୋଇପାରନ୍ତା ଏବଂ ଫ୍ଲୋରାଇଡ୍ ପ୍ରଦୂଷିତ ପାଣି ପିଇ ରୋଗଗ୍ରସ୍ତ ହେବାର ଆଶଙ୍କା ରହନ୍ତା ନାହିଁ ବୋଲି ଆଲୋଚନା ହୋଇଥିଲା। "ଗ୍ରାମ୍ୟ ଜଳ ଓ ପରିମଳ କମିଟି ଜରିଆରେ ଆମେ ଆର୍‌ସିଡିସିକୁ ସହାୟତା ପାଇଁ ଅନୁରୋଧ କରିବା ପରେ ୪୦ ହଜାର ଟଙ୍କା ଅନୁଦାନ ଦେବା ପାଇଁ ଆର୍‌ସିଡିସି କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଥିଲେ", କହନ୍ତି ଜଳ ପରିମଳ କମିଟୀର ସଦସ୍ୟ ସୁକେଶୁ ପାଣ୍ଡେ। ଅବଶିଷ୍ଟ ୧୦ ହଜାର ଟଙ୍କାର ଶ୍ରମ ଓ ସ୍ଥାନୀୟ ସାଧନ ଦେବା ପାଇଁ ଗ୍ରାମବାସୀ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏ କାମ ଦେଖାରଖା ପାଇଁ ଗାଁରେ ଏକ କମିଟି ଗଢ଼ାଯାଇଥିଲା। ଆର୍‌ସିଡିସି କାର୍ଯ୍ୟକାରୀ କରୁଥିବା ପ୍ରକଳ୍ପରୁ ଚାଳିଶ ହଜାର ଟଙ୍କା ଆର୍ଥିକ ସହାୟତା ଓ ଗ୍ରାମବାସୀଙ୍କ ଶ୍ରମ ଦାନରେ ଏବେ ଗାଁରେ ପରିମଳ କୂପର କାମ ଚାଲିଛି। ଆସନ୍ତା ଖରାଦିନ ପୂର୍ବରୁ ଏହାର ନିର୍ମାଣ ଶେଷ ହେବ। ମହିଳା ଦଳଙ୍କ ସଂଗଠିତ ଉଦ୍ୟମ ପାଇଁ ବହୁ ଦିନର ଜଳ ସମସ୍ୟା ଏବେ ସମାଧାନ ହେବାକୁ ଯାଉଛି ବୋଲି କହନ୍ତି ସୁକେଶୁ।

# ପାଇପରେ ଫାଟ

**ନୂଆପଡାରେ ଫ୍ଲୋରାଇଡ ସମସ୍ୟାର ନିରାକରଣ ପାଇଁ ସରକାର କରୁଛନ୍ତି ଅନେକ ଯୋଜନା କିନ୍ତୁ ଫଳ ହେଉନି ଉତ୍ସାହଜନକ କାରଣ ଲୋକେ ଓ ପଞ୍ଚାୟତ ତହିଁରେ ହେଉନାହାନ୍ତି ସାମିଲ। ଏହି ବ୍ୟୁହରୁ ମୁକ୍ତି ପାଇଁ ଆରମ୍ଭ ହୋଇଛି ଉଦ୍ୟମ।**

ନୂଆପଡ଼ା ଜିଲ୍ଲାର ରହିଛି ୨୩୫୫ଟି ଜନବସତିରୁ ୯୦୫ଟି ଜନବସତି ଫ୍ଲୋରାଇଡ୍ ଆକ୍ରାନ୍ତ ବୋଲି ସରକାରୀ ତଥ୍ୟ କହେ। ଜିଲ୍ଲାର ମୋଟ ୬୨୩୫ ନଳକୂପ ମଧ୍ୟରୁ ୧୭୧୪ ନଳକୂପରେ ଫ୍ଲୋରାଇଡ୍ ରହି ଫ୍ଲୋରୋସିସ୍ ରୋଗ ସୃଷ୍ଟି କରୁଥିବା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସୂଚିତ କରାଇଛି।

ଫ୍ଲୋରୋସିସ୍‌ରୁ ନୂଆପଡ଼ାକୁ ମୁକ୍ତ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସରକାର ୨୦୧୫ ମସିହାରେ ପ୍ରଦାନ କରିଥିବା ସଦ୍ୟତମ ସୂଚନା ଅନୁସାରେ ୧୩୫ଟି ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ୩୮୫ଟି ବସତିକୁ ଜଳଯୋଗାଣର ବ୍ୟବସ୍ଥା ହୋଇସାରିଛି। ଗତ ନଭେମ୍ବର ୨୦୧୪ରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମାର୍ଚ୍ଚ ୨୦୧୫ ସୁଦ୍ଧା ନୂଆପଡ଼ା ଜିଲ୍ଲାରେ ଫ୍ଲୋରାଇଡ୍ କବଳରୁ ଜିଲ୍ଲାବାସୀଙ୍କୁ ମୁକ୍ତି ଦେବା ପାଇଁ ୫୦୦ ଫ୍ଲୋରାଇଡ୍‌ମୁକ୍ତ ନଳକୂପ ଖନନ କରାଯିବାର ଘୋଷଣା କରିଥିଲେ। ଏହା ସହ ୨୭୩.୮୭ କୋଟି ଟଙ୍କା ବ୍ୟୟରେ ୨୧ଟି ମେଗା ପ୍ରକଳ୍ପ ଜରିଆରେ ୫୩୩ ଗାଁରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ସରକାର ଯୋଜନା କରିଥିଲେ। ୨୧ଟି ପ୍ରକଳ୍ପ ମଧ୍ୟରୁ ଅକ୍ଟୋବର ୨୦୧୪ ଶେଷ ସୁଦ୍ଧା ୪ଟି ପ୍ରକଳ୍ପର କାମ ଆରମ୍ଭ ହୋଇଛି ବୋଲି ସରକାରୀ ନଥି କହୁଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପର କାମ ଆରମ୍ଭ ହୋଇନଥିଲା। ଫ୍ଲୋରାଇଡ୍ ସମସ୍ୟାର ସମାଧାନ ପାଇଁ ନୂଆପଡ଼ା ଜିଲ୍ଲାରେ



୩ ବର୍ଷ ଧରି ଚାଲିଛି କାମ

ପୃଥକ୍ ଭାବେ ଏକ ପ୍ରୋଜେକ୍ଟ ଡିଭିଜନ ବି ସୃଷ୍ଟି କରାଯାଇଥିଲେ ସୁଦ୍ଧା ସେମିତି କିଛି ଠୋସ୍ ପଦକ୍ଷେପ ନିଆଯାଉନଥିବାରୁ ଗ୍ରାମବାସୀମାନେ କିମ୍ବା ପଞ୍ଚାୟତ ଗୁଡ଼ିକ ସେସବୁ ବିଷୟରେ ବିଶେଷ କିଛି ଜାଣିନଥିଲେ। ଏବେ ରାଜ୍ୟ ସରକାର ପୁଣି ଅନ୍ୟ କିଛି ନୂଆ ଯୋଜନା ହାତକୁ ନେଇଛନ୍ତି। ପ୍ରତି ବସ୍ତିର ଅନ୍ତତଃ ଗୋଟିଏ ନଳକୂଅରେ ଫ୍ଲୋରାଇଡ୍‌ମୁକ୍ତ ପାଣି ପାଇଁ ଫିଲଟର ଲଗାହେବ। ସରକାର ଏଥିପାଇଁ ଭାରତ ସରକାରଙ୍କ ସଂସ୍ଥା 'ନିରି'କୁ ଦାୟିତ୍ୱ ଦେଇଛନ୍ତି। ଅନ୍ୟ ପଟେ ସମଗ୍ର ନୂଆପଡ଼ା ଜିଲ୍ଲାର ବଳକା ଅଞ୍ଚଳକୁ ପାଇପ ଯୋଗେ ସୁରକ୍ଷିତ ଜଳ ଯୋଗାଣ ପାଇଁ ୭୫୨ କୋଟି ଟଙ୍କାର ଏକ ବିଶାଳ ପ୍ରକଳ୍ପ ପ୍ରସ୍ତୁତ କରି ନାବାର୍ଡ ନିକଟରେ ଦାଖଲ କରିଛନ୍ତି।

ଏହି ଭଳି ସରକାରୀ ଯୋଜନାମାନଙ୍କରେ ବିଶେଷକରି ଯେଉଁଥିରେ ଲୋକଙ୍କର ଜରୁରୀ ଆବଶ୍ୟକତା ଜଡ଼ିତ ରହିଛି, ସେଥିରେ ଲୋକେ ଓ ପଞ୍ଚାୟତ ସାମିଲ ନ ରହିଲେ କିମ୍ବା ବିଭିନ୍ନ ବର୍ଗ ଓ ଅଂଶୀଦାରଙ୍କ ଭିତରେ ତାଳମେଳ ନ ରହିଲେ ସରକାର ଭୁଲ ଯୋଜନା କରିପାରନ୍ତି ଏବଂ ଭଲ ଯୋଜନା କଲେ ମଧ୍ୟ ତାହା ଭେଲ ହେବାର ଆଶଙ୍କା ଯଥେଷ୍ଟ ରହିଛି। ୱାଟରଏଡ୍ ସହାୟତାରେ ଆରସିଡିସି ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରକଳ୍ପ ଏହି ଦିଗଟି ପ୍ରତି ଜାଗ୍ରତ। ଏହି ସବୁରେ ଲୋକଙ୍କ ଓ ପଞ୍ଚାୟତମାନଙ୍କ ଭାଗିଦାରୀ ବଢାଇବା ପାଇଁ ପ୍ରକଳ୍ପଟି ଉଦ୍ୟମ କରୁଛି। ଆର୍‌ସିଡିସି ପକ୍ଷରୁ ନୂଆପଡ଼ା ଜିଲ୍ଲାର ପାଞ୍ଚଟି ପଞ୍ଚାୟତରେ ଜଳର ଗୁଣାତ୍ମକମାନ ଉପରେ ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜାଣିବା ପରେ ଗ୍ରାମବାସୀମାନେ ସହଯୋଗ ପାଇଁ ଆଗେଇ ଆସିଥିଲେ। ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଢ଼ାଯାଇଛି। ଜଳ ଓ ପରିମଳ କମିଟିର ପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତ ସ୍ତରୀୟ ଜଳବନ୍ଧୁ ମଞ୍ଚ ଓ ବ୍ଲକ ସ୍ତରୀୟ ମଞ୍ଚ ଗଠନ କରାଯିବା ପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଫ୍ଲୋରାଇଡ୍ ନିରାକରଣ ପଦକ୍ଷେପକୁ ସମର୍ଥନ କରିବା ପାଇଁ ଗାଁ ସ୍ତରରେ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ସଂଗଠିତ ଭାବେ ଜଳର ଗୁଣାତ୍ମକ ମାନକୁ ନେଇ ଚର୍ଚ୍ଚା କରିବାର ପ୍ରକ୍ରିୟା ଜିଲ୍ଲା ପ୍ରଶାସନକୁ କ୍ରିୟାଶୀଳ କରାଇଥିଲା।

ଦୀର୍ଘଦିନ ଧରି ଅଟକିଥିବା ପାଇପ୍ ଜଳ ପ୍ରକଳ୍ପକୁ ନେଇ ଗାଁ ଠାରୁ ବିଧାନସଭା ଯାଏ ଆଲୋଚନା ଜୋର୍ ଧରିଥିବା ବେଳେ ୨୦୧୪ ଶେଷ ଆଡ଼କୁ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଗସ୍ତ କରି ମାର୍ଚ୍ଚ ୨୦୧୫ ସୁଦ୍ଧା ନୂଆପଡ଼ାବାସୀଙ୍କୁ



ଅସମ୍ପୂର୍ଣ୍ଣ କାମର ନିଛକ ଛବି

ଫ୍ଲୋରାଇଡ୍ ମୁକ୍ତ ଜଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ଜଳ ଓ ପରିମଳ ବିଭାଗ ତଥା ପାଇପ ଜଳ ଯୋଗାଣ ବିଭାଗ ପକ୍ଷରୁ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା । କିନ୍ତୁ ସରକାରୀ ଯୋଜନାର କ୍ରିୟାନ୍ୱୟନ ସମ୍ପୂର୍ଣ୍ଣ ଭାବରେ ଶିଥିଳ ବୋଲି କହନ୍ତି ଭାଲେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ ଚଇତରାମ ନାଏକ । ଆମୋଦି ମେଗା ପ୍ରକଳ୍ପ ଜରିଆରିରେ ଭାଲେଶ୍ୱର ପଞ୍ଚାୟତକୁ ମଧ୍ୟ ଜଳ ଯୋଗାଣର ଯୋଜନା ଅଛି । "ଗାଁ ଲୋକେ ତ ଦୂରର କଥା ଆମ ପଞ୍ଚାୟତ ପାଖରେ ମଧ୍ୟ ସେହି ପ୍ରକଳ୍ପ ବା ଅନ୍ୟ ପାନୀୟ ଜଳ ପ୍ରକଳ୍ପ ବିଷୟରେ କୌଣସି ତଥ୍ୟ ନାହିଁ, ସମ୍ପୃକ୍ତ ବିଭାଗ ଆମକୁ କିଛି ଜଣାଉ ନାହାନ୍ତି", କହନ୍ତି ଶ୍ରୀ ନାଏକ । ପଞ୍ଚାୟତ ନିକଟରେ ପାନୀୟ ଜଳ ପ୍ରକଳ୍ପ ସମ୍ବନ୍ଧିତ କିଛି ତଥ୍ୟ ନଥିବା ବେଳେ ସାଧାରଣ ଗ୍ରାମବାସୀ ତାହା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଓ ଉଦାସୀନ ଥିଲେ ।

କିନ୍ତୁ ଗାଁମାନଙ୍କରେ ଜଳପରିମଳ କମିଟୀ ଗଠନ ହେବା ସହିତ ପଞ୍ଚାୟତ ସ୍ତରରେ ସେମାନଙ୍କ ପ୍ରତିନିଧିଙ୍କୁ ନେଇ ଜଳବନ୍ଧୁ କମିଟୀ ଗଠନ ହେବା ପରେ ପରିସ୍ଥିତିରେ କିଛି ପରିବର୍ତ୍ତନ ହେବାରେ ଲାଗିଛି । ଏବେ ଲୋକେ ପାନୀୟ ଜଳ ପ୍ରକଳ୍ପ ବିଷୟରେ ଆଗ୍ରହୀ ହେବା ସହିତ ତାହାର କାର୍ଯ୍ୟକାରିତା କିପରି ତ୍ୱରାନ୍ୱିତ ହୋଇପାରିବ ତାହାକୁ ନେଇ ଆଶାବାଦୀ ହୋଇଛନ୍ତି । ସରକାରଙ୍କ ଗ୍ରାମ୍ୟ ଜଳପରିମଳ ବିଭାଗ ସହିତ ଯୋଗାଯୋଗ ବଢାଇ ଦାବୀ ଓ ମତାମତ ଦେବା ସହିତ କାମର ମାନର ଜନ ତଦାରଖ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ।

କିନ୍ତୁ ଜଳବନ୍ଧୁ କର୍ମକର୍ତ୍ତା ତଥାପି ବି ଖୁବ୍ ଅସନ୍ତୁଷ୍ଟ । କାରଣ ସରକାରୀ ଯୋଜନା ତଥାପି ବି ପ୍ରାୟ ସ୍ଥାଣୁ । ସରକାରଙ୍କ ତରଫରୁ କରାଯାଇଥିବା ୨୧ଟି ମେଗା ପ୍ରକଳ୍ପ ମଧ୍ୟରୁ କେବଳ ଆମୋଦି ପ୍ରକଳ୍ପରେ ଅଳ୍ପ କିଛି ଅଗ୍ରଗତି ହୋଇଥିଲା, ତାହା ବି ବର୍ଷେରୁ ଅଧିକ ହେଲାଣି ପ୍ରାୟ ଠପ୍ ହୋଇ ପଡ଼ିରହିଛି । ଅନ୍ୟ ପ୍ରକଳ୍ପ ତ ଆରମ୍ଭ ହିଁ ହୋଇ ନାହିଁ ।

ଗ୍ରାମବାସୀଙ୍କ ଉଦ୍‌ବେଗ ହେଲା ଯେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଥିବା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଲୋକଙ୍କ ସହିତ କି ପଞ୍ଚାୟତ ସହିତ କିଛି ଯୋଗସୂତ୍ର ରଖୁନାହିଁ । କେବଳ କଣ୍ଟ୍ରାକ୍ଟର ଜରିଆରେ କାମ କରାଇବାର ଚେଷ୍ଟା ଚାଲିଛି । ଆମୋଦି ପ୍ରକଳ୍ପରେ ମଧ୍ୟ ସେହିଭଳି ରୀତିରେ କାମ ଚାଲିଛି । ନଦୀକୂଳରେ ଥିବା ଜଳସଂଗ୍ରହ କୂପ ଆଡ଼ିକି ହାତ ଦେଖାଇ "ଲୋକଙ୍କୁ କିଛି ନ ପଚରାଯାଇ କରାଯାଉଥିବା କାମର ତାହା ଏକ ଉଦାହରଣ", ବୋଲି କହନ୍ତି ଜଳବନ୍ଧୁ ମଞ୍ଚର ଜଣେ ଉତ୍ସାହୀ କର୍ମକର୍ତ୍ତା ଶ୍ରୀ ଭୋଲାନାଥ ଚନ୍ଦ୍ରକାର । ସେହି ସ୍ଥାନଟିକୁ ପାଖଆଖ ଗ୍ରାମର ଲୋକେ ଶ୍ମଶାନ ଭାବରେ ବ୍ୟବହାର କରନ୍ତି । ଅନେକ ଲୋକ ଶବ ଆଣି ବାଲିରେ ପୋତି ଦିଅନ୍ତି । ତେଣୁ ସେହି ସ୍ଥାନରୁ ପାଣି ଆଣିବାର ବ୍ୟବସ୍ଥା ହୋଇଥିବାରୁ ଲୋକେ ଅସନ୍ତୁଷ୍ଟ । "ଏତେବଡ଼ ଯୋଜନା ହେଉଛି କିନ୍ତୁ ଗାଁ ଲୋକଙ୍କୁ କୌଣସି ବିଷୟରେ କେବେ ପଚରା ଯାଇନାହିଁ," କହନ୍ତି ଶ୍ରୀ ଚନ୍ଦ୍ରକାର । କାଦୋମେରୀ ଗ୍ରାମ୍ୟ ଜଳ ପରିମଳ କମିଟୀର ସମ୍ପାଦକ ମହେନ୍ଦ୍ର ନାଗ ତହିଁରେ ଆଉ ଟିକିଏ ଯୋଡ଼ନ୍ତି । "ଖାଲି ମେଗା ପ୍ରକଳ୍ପ ନୁହଁ, କୌଣସି ବି ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଲୋକଙ୍କ ମତ କଣ ତାହା ଜାଣିବାର ଚେଷ୍ଟା କରାଯାଉନାହିଁ, ଫଳରେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି । ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବେଳେ ଅତି ନିମ୍ନମାନର କାମ ହେଉଛି ଏବଂ ଆବଶ୍ୟକତା କିଛି ଥିବା ବେଳେ କାମ ଅନ୍ୟ କିଛି ହେଉଛି ।"

ତେବେ ଏହିଭଳି ସମସ୍ୟାକୁ ସମାଧାନ କରିବାରେ ସେମାନେ ଆଗୁଆ ଓ ସକ୍ରିୟ ଭୂମିକା ନେଇପାରିବେ ବୋଲି ଜଳ ପରିମଳ କମିଟୀ ତଥା ଜଳବନ୍ଧୁ ମଞ୍ଚର କର୍ମକର୍ତ୍ତାମାନେ ଏବେ ଆଶାବାଦୀ । ନୂଆପଡ଼ା ଜିଲ୍ଲାରେ ସ୍ୱଚ୍ଛ ଓ ସୁରକ୍ଷିତ ଜଳ ଯୋଗାଣ ପାଇଁ ସରକାର ଗ୍ରହଣ କରୁଥିବା ବିଭିନ୍ନ ସରକାରୀ ଯୋଜନାକୁ ସଫଳ କରିବା ପାଇଁ ସେମାନେ ନିଜଆଡ଼ୁ ଉଦ୍ୟମ ବଢ଼ାଇବା ପାଇଁ ଏବେ ପ୍ରସ୍ତୁତ ।

ଗ୍ରାମ୍ୟ ଜଳ ପରିମଳ ବିଭାଗ, ପଞ୍ଚାୟତ ତଥା ଗ୍ରାମବାସୀ ସମସ୍ତେ ପରସ୍ପର ସହିତ ବିଚାରଆଲୋଚନା କରି ପରସ୍ପରର କାମକୁ ସାହାଯ୍ୟ କଲେ ନୂଆପଡ଼ାର ପାନୀୟ ଜଳ ସ୍ଥିତି ସ୍ୱଚ୍ଛଳ ହୋଇଯିବ ବୋଲି କହନ୍ତି କୋମନା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଜିଲ୍ଲା ଜଳବନ୍ଧୁ ମଞ୍ଚର ସକ୍ରିୟ କର୍ମକର୍ତ୍ତା ଭକ୍ତରାମ ଶବର । ଶ୍ରୀ ଶବରଙ୍କ ଯୁକ୍ତିରେ ପ୍ରାସଙ୍ଗିକତାକୁ ନୂଆପଡ଼ାର ଲୋକେ ବୁଝିବା ଆରମ୍ଭ କଲେଣି । ପାଇପରେ ଥିବା ଫାଟମାନ ବନ୍ଦ କରିବା ପାଇଁ ଏବେ ସେମାନେ ପ୍ରସ୍ତୁତ ହେଲେଣି ।

# ଧୀରେ ଧୀରେ ବଦଳୁଛି ପରିମଳ ଧାରା

**ପୋଖରୀ, କୂପ, ନଳକୂପ ସଫାସୁତୁରା ହେଉଛି । ନିର୍ମଳ ରଖିବା ପାଇଁ ତିଆରି ହେଉଛି ସାମାଜିକ ନୀତିନିୟମ ଓ ପାଳନ ବି ହେଉଛି କଡ଼ାକଡ଼ିରେ । ବଦଳିବାରେ ଲାଗିଛି ଆଚରଣ ଓ ଅଭ୍ୟାସ ।**

ନଳକୂପ ଚାନ୍ଦିନୀ ଉପରେ ମଜା ଯାଉଥିଲା ଅଇଁଠା ବାସନ । ବିଛେଇ ପଡ଼ିଥିବା ଭାତ ଖାଇବା ପାଇଁ କୁକୁଡ଼ା ଓ କୁକୁର ସେଠି ଜମା ହେଉଥିଲେ । ଲୁଗାକଚା ଓ ଗାଧୁଆ ପାଇଁ ନଳକୂପକୁ ବ୍ୟବହାର କରାଯାଉଥିବାରୁ ବର୍ଜ୍ୟ ପାଣି ଜମୁଥିଲା । ଗୋଟିଏ ଦୁଇଟି ଘୁଷୁରୀ ସେଠି ଚଲାବୁଲା କରୁଥିବାରୁ ନଳକୂପ ମୂଳଟି ପୂତିଗନ୍ଧମୟ ହୋଇଉଠିଥିଲା । ଲୋକେ ସେଠୁ ପିଇବା ପାଣି ଆଣୁଥିଲେ । ପୋଖରୀ ହୁଡ଼ା ପାଲଟିଥିଲା ଖୋଲା ଝାଡ଼ା ପଡ଼ିଆ । ଦାନ୍ତ ଘସି ହୁଡ଼ା ଉପରେ ଫୋପାଡ଼ି ଦିଆଯାଉଥିବା ଦାନ୍ତକାଠି ଜମା ହୋଇ ରହୁଥିଲା । ଗାଈ, ବଳଦ, ମଣିଷ ସବୁ ସେଇ ପୋଖରୀରେ ଗାଧୋଉଥିଲେ । ଏମିତି ଥିଲା ଗ୍ରାମବାସୀଙ୍କ ଜଳ ଓ ପରିମଳ ଅଭ୍ୟାସ; କହିଥିଲେ ନୂଆପଡ଼ା ଜିଲ୍ଲା ସାଇପଲା ପଞ୍ଚାୟତ ଖଇରାନୀ ଗାଁର ୪୬ ବର୍ଷ ବୟସ୍କ ହଟେଶ୍ୱର ମାଝୀ ।

ଗାଁର ଜଳ ଓ ପରିମଳ ଅଭ୍ୟାସକୁ ମନେପକାଇ ହଟେଶ୍ୱର କହନ୍ତି ୧୭୭୫ ଲୋକସଂଖ୍ୟା ବିଶିଷ୍ଟ ଏହି ଗାଁରେ ରହିଛି ଦୁଇଟି ପଡ଼ା । ଗୋଟିଏ ଖଇରାନୀ ଅନ୍ୟଟି କୋମାଖାନ୍ ପଡ଼ା । ଉଭୟ ପଡ଼ାରେ ରହିଛି ୧୨ଟି ନଳକୂପ । ୫ଟି ନଳକୂପ ଭାଙ୍ଗିଯାଇଛି । ୭ଟି ଚାଲିଛି । ଖରାଦିନ ନଆସୁଣୁ ଲୋକେ ଭୋଗନ୍ତି



ନଳକୂପ ପରିଚ୍ଛନ୍ନତା ଉପରେ ଦିଆଯାଉଛି ଗୁରୁତ୍ୱ

ଜଳକଷ୍ଟ । ଗାଁରେ ଚାରିଟି ପୋଖରୀ ଅଛି । ଲୋକେ ପୋଖରୀ ହୁଡ଼ାରେ ମଳତ୍ୟାଗ କରନ୍ତି । ଗାଈ, ମଇଁଷି, ଛେଳି, ବଳଦ ସଂଖ୍ୟା ଗାଁରେ ପାଖାପାଖି ୪୦୦ । ଅଧାରୁ ଅଧିକ ପଶୁ ପୋଖରୀରେ ଗାଧାନ୍ତି । ପୋଖରୀରେ ଜଳର ରଙ୍ଗ ବର୍ଷା ଋତୁରେ ମାଟିଆ, କାଦୁଆ ଓ ଖରାଦିନେ ନେଳିଆ, କଳା । ପୋଖରୀର ପାଣି ଖରାଦିନେ ଶୁଖିଯାଏ । ନଳକୂପ ମୂଳେ ଲୁଗାଧୁଆ ବାସନମଜା ଓ ଗାଧୁଆ ପାଧୁଆ ହୁଏ । ବର୍ଷାଦିନେ ଝାଡ଼ା ବାନ୍ତି, ଶୀତ ଦିନେ କାଛୁ କୁଣ୍ଡିଆ, ଖରାଦିନେ ବଥ ଘା' ଆଦି ଭଳିକି ଭଳି ରୋଗ ଦେଖାଯାଇଥାଏ । ଲୋକଙ୍କ କହିବା ଅନୁଯାୟୀ ଡାକ୍ତରଖାନାରେ ଭର୍ତ୍ତିହେବା ସଂଖ୍ୟା ପ୍ରତିବର୍ଷ ବଢ଼ିଥାଏ ।

୨୦୧୩ରୁ ଆର୍‌ସିଡିସି ସଂଗଠନର କର୍ମୀମାନେ ଗାଁକୁ ଆସି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଜଳର ଭୂମିକା ବିଷୟରେ ବୁଝାଇଥିଲେ । ପ୍ରଦୂଷିତ ଜଳ ଓ ଦୁର୍ବଳ ପରିମଳ ୭୦ପ୍ରତିଶତ ରୋଗର କାରଣ ବୋଲି ଲୋକେ ଜାଣିଲେ । ଆର୍‌ସିଡିସି ପକ୍ଷରୁ ପ୍ରଶିକ୍ଷଣ ଦିଆଗଲା । ଗାଁରେ ଗଢ଼ାଗଲା ଗ୍ରାମ୍ୟଜଳ ଓ ପରିମଳ କମିଟି । ନିର୍ବାଚିତ ଲୋକ ପ୍ରତିନିଧି, ଜଳ ଓ ପରିମଳ କମିଟିର କର୍ମକର୍ତ୍ତା, ସ୍ୱୟଂ ସହାୟକ ଦଳର ପ୍ରତିନିଧିମାନଙ୍କୁ ଜଳ ନମୂନା ସଂଗ୍ରହ ଓ ପରୀକ୍ଷଣ କଥା ବତାଇ ଦିଆଗଲା । ଗାଁ ଲୋକେ ପ୍ରଥମ ଥର ପାଇଁ ଗାଁର ଜଳ ପରୀକ୍ଷା କରିବାର ଦକ୍ଷତା ହାସଲ କଲେ । ଜଣାପଡ଼ିଲା ଜଳ ଉତ୍ସଗୁଡ଼ିକ ପ୍ରଦୂଷିତ । ଏହା ହିଁ ରୋଗର କାରଣ ବୋଲି ଜାଣିବା ପରେ ଗାଁରେ ପଡ଼ିଲା ଭାଳେଣୀ । ଜଳଉତ୍ସଗୁଡ଼ିକ କିଭଳି ନିରାପଦ ରହିବ, ଅଳିଆ ଆବର୍ଜନା କିଭଳି ପାଣିରେ ମିଶି ନପାରିବ, ଗାଁ ଦାଣ୍ଡ, ପୋଖରୀ ଓ ନଳକୂପ ମୂଳ କିଭଳି ସଫା ସୁତୁରା ରହିବ ସେ ଦିଗରେ ଗାଁରେ ଏକାଧିକ ଥର ଆଲୋଚନା ହେବା ପରେ ଏବେ ସ୍ଥିତିର କିଛିଟା ପରିବର୍ତ୍ତନ ଆସିଛି ବୋଲି କହନ୍ତି ଜଳ ଓ ପରିମଳ କମିଟିର ସଦସ୍ୟା ବେଦମତୀ ମାଝୀ ।

ଗାଁର ସୁକାନ୍ତ ମାଝୀ, ଶୁକଦେଇ ମାଝୀ ଓ ସଦା ମାଝୀ କହନ୍ତି ଏବେ ନଳକୂପ ମୂଳେ ବାସନ ମଜା ଲୁଗାସଫା, ଗାଧୁଆ ପାଧୁଆ ମନା । ବର୍ଜ୍ୟ ପାଣି ଜମା ହୋଇ ନାହିଁ କି କୁକୁର ଘୁସୁରୀ ସେଠି ବସା ବାନ୍ଧୁନାହାନ୍ତି । ପୋଖରୀ ହୁଡ଼ାରେ ମଳତ୍ୟାଗୀଙ୍କ ସଂଖ୍ୟା କମିଛି । ଖୋଲା ପଡ଼ିଆକୁ ଝାଡ଼ା ଯିବା ସଂଖ୍ୟା କିନ୍ତୁ କମି ଯାଇନାହିଁ । ଧିରେ ଧିରେ ଜଳ ପ୍ରଦୂଷଣ ଓ ଜଳଜନିତ ରୋଗ ବିଷୟରେ ସଚେତନତା ସୃଷ୍ଟି ହୋଇଛି । ଆଗକୁ ଏ ଦିଗରେ ଅନେକ କାମ ବାକି ରହିଛି ।

# ଗନିଆପଡ଼ାବାସୀ ଗୁଣ ଜାଣିଲେଣି

**ଫ୍ଲୋରୋସିସ୍ ଯୋଗୁଁ ଯୁବକଯୁବତୀମାନେ ଦିଶୁଛନ୍ତି ଢେର ବୟସ୍କ ଓ ଭୋଗୁଛନ୍ତି ଭିନ୍ନକ୍ଷମତା । ଏହି ଭୟଙ୍କର ବେମାରୀରୁ ମୁକ୍ତି ପାଇଁ ଗ୍ରାମବାସୀମାନେ ନିଜର ଉଦ୍ୟମ ଆରମ୍ଭ କରି ସରକାରଙ୍କ ପାଖରେ ରଖିଲେଣି ଦାବୀର ପସରା ।**

୨୦୧୩ ମସିହା ଜୁନ୍ ୧୦ତାରିଖର ଘଟଣା, ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ର ମାନିଗୁଡ଼ା ଗାଁରେ ବିଶୁଦ୍ଧ ପାନୀୟ ଜଳ ମୁନ୍ଦେ ନପାଇ ୧୫ ଦିନ ମଧ୍ୟରେ ଘଟିଥିଲା ଚାରି ଜଣଙ୍କର ମୃତ୍ୟୁ । ଶତାଧିକ ବି ଆକ୍ରାନ୍ତ ହୋଇଥିଲେ । ୧୯୮୧ରୁ ୧୯୯୦ ପର୍ଯ୍ୟନ୍ତ 'ବିଶ୍ୱ ଜଳ ଦଶନ୍ଧି'ର ଅବଧି ପୂରା ହୋଇଥିବା ସତ୍ତ୍ୱେ ଏମାନଙ୍କୁ ମିଳିପାରିନଥିଲା ସ୍ୱଚ୍ଛ ପାନୀୟ ଜଳ । ପୁଣି ୨୦୦୫ରୁ ଜୀବନ ପାଇଁ ଜଳ ବାର୍ତ୍ତା ସହିତ 'ବିଶ୍ୱ ଜଳ ସମ୍ପଦ ଦଶନ୍ଧି' ପାଳିତ ହୋଇଛି । ୨୦୧୫ରେ ଏ ଦଶନ୍ଧି ପୂରା ହେଉଛି କିନ୍ତୁ ଲୋକଙ୍କୁ ମିଳିପାରୁନି ବିଶୁଦ୍ଧ ପାନୀୟ ଜଳ । ନୂଆପଡ଼ାରେ ପ୍ରଦୂଷିତ ଜଳ ହିଁ ହୋଇଛି ବର୍ଷ ବର୍ଷ ଧରି ଲୋକଙ୍କ ମୁଖ୍ୟ ପାନୀୟ ଜଳ । ଆର୍‌ସିଡିସି ପକ୍ଷରୁ ୨୦୧୪ ମସିହା ଏପ୍ରିଲ ମାସରୁ ଜିଲ୍ଲାର  ଦୁଇଟି ବ୍ଲକର ୫ଟି ପଞ୍ଚାୟତର ଲୋକଙ୍କୁ ବିପଦଗ୍ରସ୍ତ ଜଳରୁ ମୁକ୍ତକରି ସୁରକ୍ଷିତ ଜଳ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖି ଆରମ୍ଭ ହୋଇଛି ଏକ ପ୍ରକଳ୍ପ । ପ୍ରାୟ ସବୁ ଗାଁରେ ଲୋକଙ୍କ ଜଳ ସଚେତନତା ଅନେକ ବଢ଼ିଛି । ଅଧିକାଂଶ ଗାଁରେ ଲୋକେ ନିଜର ଅଧିକାର ଓ କର୍ତ୍ତବ୍ୟ ବୁଝିଲେଣି ଏବଂ ଅନେକ ଗାଁରେ ସରକାରଙ୍କ ଠାରୁ ବିକଳ୍ପ ପାଇଁ ଅପେକ୍ଷା ନ କରି ଲୋକେ ନିଜର ଉଦ୍ୟମ ଆରମ୍ଭ କରି ସାରିଲେଣି । ପ୍ରେରିତ ହୋଇ ନିଜର ଉଦ୍ୟମ ଆରମ୍ଭ କରିଥିବା ସେମିତି ଏକ ଗାଁ ହେଲା କୋମନା ବ୍ଲକ୍ ନୂଆଗାଁ ପଞ୍ଚାୟତ ଠୁଟିବର ରାଜସ୍ୱ ଗ୍ରାମ ଅଧୀନସ୍ଥ ପଡ଼ାଗ୍ରାମ ଗନିଆପଡ଼ା ।

ମୁଖ୍ୟତଃ ଶବର ଜାତିର ଲୋକ ରହୁଥିବା ଏହି ଗରିବ ଗାଁ ଠାରୁ ଗ୍ରାମ ପଞ୍ଚାୟତ ନୂଆଗାଁର ଦୂରତା ୫ କି.ମି. । ବ୍ଲକ୍ ୨୫କି.ମି. ଏବଂ ନୂଆପଡ଼ା ଜିଲ୍ଲା ସଦର ମହକୁମା ୪୦ କି.ମି । ୧୯୭୫ ମସିହାରେ ଗାଁରେ ଖୋଳା ଯାଇଥିଲା ପ୍ରଥମ ନଳକୂପ, ୧୯୮୪ରେ କୈଳାସ ଶବରଙ୍କ ଘର ସାମନାରେ ଖୋଳାଗଲା ଆଉ ଗୋଟିଏ । ୧୯୯୯ରେ ତୃତୀୟ ନଳକୂପଟି ଖୋଳାଯିବା ବେଳକୁ ପ୍ରଥମ ନଳକୂପଟି ଅଚଳ ସ୍ଥିତିକୁ ଚାଲି ଆସିଥିଲା । ଗାଁର ପାଖାପାଖି ୬୦୦ ଲୋକ ପିଇବା ପାଣି ପାଇଁ ଏହି ଦୁଇଟି ନଳକୂପ ଉପରେ ନିର୍ଭରଶୀଳ । ନଳକୂପ ନଥିବାବେଳେ ଗ୍ରାମବାସୀମାନେ ଗାଁର ପଶ୍ଚିମ ପଟେ ଥିବା ମେଶଣା ଯୋର (ନଦୀ)ରୁ ପାଣି ପିଉଥିଲେ । ବର୍ଷା ଦିନେ ନଦୀ ପାଣି ଗୋଳିଆ ହୋଇ ପ୍ରଦୂଷିତ ହେଲେ ଝାଡ଼ାବାନ୍ତିରେ ବି ପଡୁଥିଲେ । ନଳକୂପ ହେବା ପରେ ଲୋକେ ଭାବିଲେ ଯେ ଏଥର ପାଣିକୁ ନେଇ ଆଉ ଚିନ୍ତା ରହିବନି । ହେଲେ ୫/୬ ବର୍ଷ ନଳକୂପ ପାଣି ପିଇବା ପରେ ଲୋକଙ୍କ ଧାରଣା ଭୁଲ୍ ପ୍ରମାଣିତ ହୋଇଥିଲା ବୋଲ ମତ ଦିଅନ୍ତି ୱାର୍ଡ଼ ମେମ୍ବର ବ୍ରଜ ଶବର ।



ପ୍ରଦୂଷିତ ଜଳର ଯନ୍ତ୍ରଣା ଭୋଗୁଛନ୍ତି ନୂଆପଡ଼ାବାସୀ



ଅସହ୍ୟ ହୋଇପଡ଼ିଛି ଫ୍ଲୋରୋସିସ୍‌ର ଯନ୍ତ୍ରଣା : ବାର୍ଦ୍ଧକ୍ୟ ବୟସରେ ବୋଝ ଉପରେ ଉପରେ ନଳିତା ବିଡ଼ା

କାହାର ଦାନ୍ତ କଷରା ପଡ଼ିଯାଇଛି ତ କାହାର ପିଠି ଧନୁ ଭଳି ବଙ୍କା ହୋଇଛି । କିଏ ଚାଲିପାରୁନି ତ କାହାର ଗୋଡ଼-ହାତ ଅଚଳ । ୧୪ ଲୋକଙ୍କର ଏ ଅବସ୍ଥା । ଭେଣ୍ଡିଆ ବୟସରେ ବି ବାଡ଼ି ଧରି ଚାଲିବାକୁ ପଡୁଛି । ଗାଁର ୫୬ ଜଣଙ୍କୁ ମିଳୁଛି ଭିନ୍ନକ୍ଷମ ଭତ୍ତା । ହେଲେ ଏ ଭିନ୍ନକ୍ଷମତାର କାରଣ କ'ଣ ଆଜି ପର୍ଯ୍ୟନ୍ତ ସେମାନେ ଜାଣିବାକୁ ପାଇନଥିଲେ । ଡାକ୍ତରଖାନା ଦୌଡ଼ିଦୌଡ଼ି ଟଙ୍କା ସବୁ ପାଣି ପରି ସରିଗଲା ସତ, ହେଲେ ସୁସ୍ଥ ହୋଇପାରିଲେ ନାହିଁ ଗନିଆପଡ଼ାର ଫ୍ଲୋରୋସିସ୍ ଆକ୍ରାନ୍ତ ଗ୍ରାମବାସୀ ।

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ (ଆର୍‌ସିଡିସି)ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ପରେ ଗାଁର ସମସ୍ତ ଜଳଉତ୍ସର ପରୀକ୍ଷଣ କରାଯାଇଥିଲା । ଜଣାପଡ଼ିଲା ଯେ ଏହି ଦୁଇଟି ନଳକୂପରେ ପରାମର୍ଶିୟ ମାତ୍ରା (୧.୫ ମିଗ୍ରା)ଠାରୁ ଅଧିକ ଫ୍ଲୋରାଇଡ୍ ପ୍ରଦୂଷଣ ରହିଛି । ସମ୍ଭବତଃ ଏହି କାରଣରୁ ହିଁ ଲୋକେ ଭୋଗୁଛନ୍ତି ଭିନ୍ନକ୍ଷମତା । ନିଜର ରୋଗ ପାଇଁ ଜଳ ଜହର ସାଜିଥିବାକୁ ନେଇ ଲୋକେ ଲଗାତର ଆଲୋଚନା କରିଥିଲେ । ପାନୀୟ ଜଳର ବିକଳ୍ପ ଉତ୍ସ କ'ଣ ହୋଇପାରେ ଆଲୋଚନା କରାଗଲା । ନଳକୂପ ନଥିବାବେଳେ ଯେଉଁ ଖୋଲା କୂପଗୁଡ଼ିକୁ ବ୍ୟବହାର ହେଉଥିଲା ତାହା ବ୍ୟବହାର ନହୋଇ ମଇଳା ହୋଇ ପଡ଼ିଥିଲା । କିନ୍ତୁ ସେହି କୂଅର ଜଳରେ ଫ୍ଲୋରାଇଡ୍ ନଥିଲା । ଲୋକେ ତାକୁ ନିଜ ଶ୍ରମଦାନରେ ସଫା କରିବାର ନିଷ୍ପତ୍ତି ନେଲେ । ପ୍ରତି ପରିବାରରୁ ଆଦାୟ ହେଲା ପଚାଶ ଟଙ୍କା । ବ୍ଲିଚିଂ ପାଉଡର ଓ ଅନ୍ୟାନ୍ୟ ଖର୍ଚ୍ଚ କରାଗଲା । ଶ୍ରମଦାନରେ କୂପ ଚାରିପାଖ ପରିଷ୍କାର ପରିଚ୍ଛନ୍ନତା ହେଲା । ପାଇପ ଜଳ ଯୋଗାଣ ପାଇଁ ପ୍ରଶାସନକୁ ଅନୁରୋଧ କରାଗଲା ।

ଲୋକେ ନିଜ ଦାୟିତ୍ୱ ପାଳୁଛନ୍ତି । ଏବେ ଗାଁରେ ଜଳ ପରିମଳ କମିଟି ଗଢ଼ାଯାଇଛି । ଲୋକେ ବିଶୁଦ୍ଧ ଜଳ ଓ ସୁସ୍ଥ ପରିମଳ ବାବଦରେ ସଚେତନ ହେଲେଣି । ଏଥର ପାଳି ସରକାରଙ୍କର । ଫ୍ଲୋରାଇଡ୍ ପ୍ରବଣ ନଳକୂପକୁ ସିଲ୍ କରିଦେବା ସହ ଗ୍ରାମଟିକୁ ପାଇପ୍ ଜଳ ଯୋଗାଣ ପାଇଁ ଦାବି କରାଯାଉଛି ବୋଲି ୱାର୍ଡ଼ ସଭ୍ୟ କହିଛନ୍ତି । ନିଜସ୍ୱ ପାଣ୍ଠି ନଥିବାରୁ ବୋରିଂ ଖୋଳିବା କିମ୍ବା ଫ୍ଲୋରାଇଡ୍ ନଥିବା ଜଳ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି । ନିରାପଦ ପାନୀୟ ଜଳ ପାଇବା ପାଇଁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ପଞ୍ଚାୟତ ଓ ଜଳ ପରିମଳ ବିଭାଗ ନିକଟରେ ଖାଲି ଦାବୀ ରଖିବାରେ ନିଜକୁ ସୀମିତ ରଖି ନାହାଁନ୍ତି, ନିଜେ ମଧ ଛୋଟଛୋଟ କର୍ତ୍ତବ୍ୟ କରିବା ଆରମ୍ଭ କରିଦେଲେଣି ।

# ଆମେ ବି ଚିହ୍ନି ଜାଣୁ ପାଣି

**ଜଳର ମାନକୁ ନେଇ ସାଧାରଣ ଜନତା ପ୍ରାୟ ଅଜ୍ଞାନୀ ରହୁଥିବା ବେଳେ ନୂଆପଡ଼ା ଜିଲ୍ଲାର ୨୯ଟି ଗାଁର ଉଦାହରଣ କହେ ଯେ ଗାଁ ଲୋକେ ବି ସହଜରେ ଜାଣିପାରିବେ ପିଇବା ପାଣିର ମାନ ଏବଂ ନେଇ ପାରିବେ ଉପଯୁକ୍ତ ନିଷ୍ପତ୍ତି ।**

ସେହି ଆଷାଢ଼ ମାସିଆ ସକାଳରେ ଠୁଟିବର ଗାଁ ମଝିରେ ଥିବା ଯଜ୍ଞ ମଣ୍ଡପ ସାମନାରେ ଜମା ହୋଇଥିବା ବାଳକ-ବାଳିକା ମହିଳା-ପୁରୁଷଙ୍କ ମଧ୍ୟରେ ଥିଲା ଉତ୍ସାହ ଓ ଉଦ୍ଦୀପନା । ପେଡ଼ିରୁ ରଙ୍ଗବେରଙ୍ଗର ଜଳୀୟ ଦ୍ରବ୍ୟ ଥିବା ବୋତଲ ଆଦି ବାହାର କରି ବୁଝାଉଥାନ୍ତି ଓ ଦେଖାଉଥାନ୍ତି ଆରସିଡିସିର କର୍ମୀ ଆଶିଷ ଖମାରୀ । ଆଶିଷଙ୍କ କହିବା ଅନୁସାରେ ଭିଡ଼ ମଧ୍ୟରୁ ଲୋକେ ସାମିଲ ହୋଇ କିଏ ପାଣି ଢାଳୁଥାନ୍ତି ତ ଅନ୍ୟ କିଏ ତହିଁରେ ରସାୟନ ପକାଉଥାନ୍ତି, ଆଉ କିଏକିଏ କୋଉ ରଙ୍ଗ ହେଲା ତାହା ଦେଖି ଅନ୍ୟକୁ ଦେଖାଉଥାନ୍ତି ଓ ବହିରେ ଥିବା ରଙ୍ଗ ସହିତ ତାହାକୁ ମିଳାଇ ନିଜନିଜ ମଧ୍ୟରେ ଆଲୋଚନା କରୁଥାନ୍ତି । ଉପସ୍ଥିତ ଥିବା ସମସ୍ତେ ଆଗ୍ରହର ସହିତ ସବୁ ଦେଖୁଥାନ୍ତି ଓ ଶୁଣୁଥାନ୍ତି । ସେଦିନ ଆଶିଷ ଗାଁର ଲୋକଙ୍କୁ ଦେଖାଉଥିଲେ ସେମାନେ କେମିତି ନିଜେ ଜଳରେ କେଉଁ ରସାୟନ କେତେ ଅଛି ତାହା ସହଜରେ ପରୀକ୍ଷା କରି ଜାଣିପାରିବେ । ପ୍ରାୟ ଘଣ୍ଟାଏ ଉପରେ ଏମିତି ଚାଲିବା ପରେ ଆଶିଷ ପଚାରିଲେ, ତାହାହେଲେ ଏବେ  କ'ଣ କରିବା ? ସଙ୍ଗେସଙ୍ଗେ ଗୋଟିଏ ଉତ୍ତର ଆସିଲା, "ଏବେ ଆମ ଗାଁର ସବୁ କୂଅ ଓ ନଳକୂଅର ପାଣି ପରୀକ୍ଷା କରିବା, ଜାଣିବା ଆମେ ଯେଉଁ ପାଣିକୁ ଭଲ ଭାବି ଏଯାଏ ପିଇ ଆସୁଛୁ ତାହା କେମିତି" । ସେହି ପ୍ରଥମ ଉତ୍ତର ଆସିଥିଲା ୩୨ ବର୍ଷର ମାଟ୍ରିକ ପଢୁଆ ଯୁବକ ଲୟ ବେମାଲଙ୍କ ଠାରୁ ।

ଏଥର ଆଶିଷ ବୋତଲ ଭର୍ତ୍ତି ସେହି ବ୍ୟାଗକୁ ଦେଇଦେଲେ ଲୟଙ୍କୁ । ସାଙ୍ଗରେ ଥିଲେ ଧନମାଳି ଶବରଙ୍କ ଭଳି ଏମ୍.ଏ. ପଢୁଆ ଯୁବକ, ପଙ୍କଜିନି ଶବରଙ୍କ



ପ୍ରଦୂଷିତ କି ନୁହଁ-ଚାଲିଛି ପରୀକ୍ଷଣ

ଭଳି ଗୃହିଣୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ମାଝୀ, ଗ୍ରାମର ମହିଳା-ପୁରୁଷ ଓ ଯୁବକ-ଯୁବତୀ ଏବଂ ଏସ୍.ଇ.ଏମ୍. ଭଗବାନ ମହାନନ୍ଦ। ଅତି ଆଗ୍ରହରେ ସେମାନେ ପରୀକ୍ଷା କରିଚାଲିଲେ ନିଜ ବସ୍ତିରେ ଥିବା ସମସ୍ତ ଜଳଉତ୍ସ ଏବଂ ଲେଖି ଚାଲିଲେ କେଉଁ ପାଣିରେ କେଉଁ ରସାୟନ କେତେ ମାତ୍ରାରେ ଅଛି। ଗାଁ ଜଳପରିମଳ କମିଟୀ ନେଉଥିଲା ନେତୃତ୍ୱ। ଏମିତି ଭାବରେ ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକର ପାଞ୍ଚଟି ଗ୍ରାମ ପଞ୍ଚାୟତରେ ଥିବା ସମସ୍ତ ଜଳଉତ୍ସର ପରୀକ୍ଷା କରିଚାଲିଲେ ନିଜେ ଗ୍ରାମବାସୀ। ଅବଶ୍ୟ ତାହାଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତ ସ୍ଥାନରେ ରହୁଥିଲେ ଆରସିଡିସିର କର୍ମୀ ଓ ସେହି ସ୍ଥାନର ଏସ୍.ଇ.ଏମ୍। ନୂଆପଡ଼ା ଜିଲ୍ଲାର ସାଇପଲା, ନୂଆଗାଁ, କୁରେଶ୍ୱର, ଭାଲେଶ୍ୱର ଓ ବେଲଟୁକୁରୀ ପଞ୍ଚାୟତର ସମୁଦାୟ ୪୪୮ଟି ଜଳଉତ୍ସରୁ ଜଳ ନମୁନା ସଂଗ୍ରହ କରି ସେହି ସ୍ଥାନରେ ହିଁ ସର୍ବସମ୍ମୁଖରେ ନିର୍ଣ୍ଣୟ ହେଉଥିଲା ଜଳର ମାନ। ଫ୍ଲୋରାଇଡ୍ ସହିତ ଲୌହ, କ୍ଲୋରାଇଡ୍, ଅମ୍ଳ ଭଳି ଦଶଟି ରସାୟନର ମାତ୍ରା ପରୀକ୍ଷା ହେଉଥିଲା ସେହି ପରୀକ୍ଷଣରୁ।



ନଳକୂପ ପାଣିର ପରୀକ୍ଷା କରୁଛନ୍ତି ଗାଁ ମହିଳା

ପାଞ୍ଚଟି ପଞ୍ଚାୟତର ୯୧ଟି ଉତ୍ସରେ ଅତ୍ୟଧିକ ଫ୍ଲୋରାଇଡ ଜଣାପଡିଛି। ବିଭିନ୍ନ ପଞ୍ଚାୟତରେ ଅତ୍ୟଧିକ ଫ୍ଲୋରାଇଡ ଥିବା ପାନୀୟ ଜଳ ଉତ୍ସର ସଂଖ୍ୟା:

| ପଞ୍ଚାୟତ | ୫ ମିଗ୍ରା/ଲିଟର | ୩ ମିଗ୍ରା/ଲିଟର | ୨ ମିଗ୍ରା/ଲିଟର | ୧.୫ ମିଗ୍ରା/ଲିଟର |
|---|---|---|---|---|
| ବେଲଟୁକରି | ୦୧ | ୦୧ | ୦୦ | ୧୫ |
| କୁରେଶ୍ୱର | ୦୬ | ୦୬ | ୦୮ | ୧୮ |
| ଭାଲେଶ୍ୱର | ୦୦ | ୦୦ | ୦୦ | ୦୨ |
| ନୂଆଗାଁ | ୦୦ | ୦୦ | ୦୨ | ୧୩ |
| ସାଇପଲା | ୦୩ | ୦୦ | ୦୯ | ୦୭ |

ଉପରୋକ୍ତ ୫ଟି ଗ୍ରାମ ପଞ୍ଚାୟତର ୨୯ଟି ରାଜସ୍ୱ ଗ୍ରାମରେ ଥିବା ମୋଟ ୪୪୩ ଜଳଉତ୍ସ ମଧ୍ୟରୁ ଖରାପ ବା ଭଗ୍ନ ଥିବା ୨୧ଟି ଜଳଉତ୍ସକୁ ବାଦଦେଇ ଅନ୍ୟ ସମସ୍ତ ୪୨୨ଟି ଜଳଉତ୍ସର ଜଳ ପରୀକ୍ଷା ହୋଇଥିଲା। ନମୁନା ମଧ୍ୟରୁ ୯୧ଟି ଉତ୍ସରେ ଲିଟର ପ୍ରତି ୧.୫ ମିଲିଗ୍ରାମ୍‌ରୁ ଅଧିକ ମାତ୍ରାର ଫ୍ଲୋରାଇଡ୍ ଥିବା ଜଣାଯାଇଥିଲା। ଅର୍ଥାତ ସେହିସବୁ ପଞ୍ଚାୟତରେ ଥିବା ପ୍ରତି ୪.୮ଟି ଜଳଉତ୍ସରେ ଗୋଟିଏ ଜଳଉତ୍ସ ଫ୍ଲୋରୋସିସ ବିପଦର କାରଣ। ୨୯ଟି ଗାଁ ମଧ୍ୟରୁ ୧୭ଟି ଗାଁରେ ରହିଛି ଫ୍ଲୋରାଇଡ୍ ଆକ୍ରାନ୍ତ ଜଳଉତ୍ସ। କୁରେଶ୍ୱର ଗ୍ରାମ ପଞ୍ଚାୟତର ଉଦ୍ୟାନବନ୍ଧ, ଚଉକାପଡ଼ା ଓ ଖଇରଭାଡ଼ି ଗ୍ରାମର ବିଭିନ୍ନ ଜଳଉତ୍ସରେ ଲିଟର ପ୍ରତି ୫ ମିଲିଗ୍ରାମ୍‌ରୁ ମଧ୍ୟ ଅଧିକ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି। ସେହିଭଳି ସାଇପଲା ପଞ୍ଚାୟତର ଦମତଲା; ଏବଂ ବେଲଟୁକୁରି ପଞ୍ଚାୟତର କାଦୋମେରୀ ଓ ସିଙ୍ଗପୁରରେ ଥିବା ଜଳଉତ୍ସ ମାନଙ୍କରେ ମଧ୍ୟ ୫ ମିଲିଗ୍ରାମ୍‌ରୁ ଅଧିକ ଫ୍ଲୋରାଇଡ୍ ଥିବା ପରୀକ୍ଷଣରୁ ଜଣାପଡ଼ିଛି। ଲିଟର ପ୍ରତି ୫ ମିଲିଗ୍ରାମ୍‌ରୁ ଅଧିକ ଫ୍ଲୋରାଇଡ୍ ଥିଲା ୧୦ଟି ଉତ୍ସରେ। ୭ଟି ଉତ୍ସରେ ୩ ମିଲିଗ୍ରାମ୍, ୧୯ଟି ଉତ୍ସରେ ୨ରୁ ୩ ମିଲିଗ୍ରାମ୍‌ରୁ ଅଧିକ, ୫୬ଟି ଉତ୍ସରେ ୧.୫ ମିଲିଗ୍ରାମ୍ ଲେଖାଏଁ ଫ୍ଲୋରାଇଡ୍ ଥିବା ଜଣାପଡ଼ିଥିଲା।

## ଲୋକଙ୍କ ପରୀକ୍ଷଣରୁ ଜଣା ପଡ଼ିଲା ସରକାରୀ ତଥ୍ୟରେ ତ୍ରୁଟି



ସରକାରଙ୍କ ତଥ୍ୟ କହେ ଯେ ନୂଆପଡ଼ା ଜିଲ୍ଲାରେ ମୋଟ ୨,୩୫୫ଟି ଜନବସତି ମଧ୍ୟରୁ ୯୦୫ଟିରେ ଥିବା ଜଳଉତ୍ସରେ ଅତ୍ୟଧିକ ଫ୍ଲୋରାଇଡ୍ ରହିଛି। ତେବେ ସରକାରଙ୍କ ସେହି ତଥ୍ୟକୁ ସନ୍ଦେହ କରି ଦେଖିବାର ଅନେକ କାରଣ ରହିଛି। ଲୋକେ କରିଥିବା ଜଳ ପରୀକ୍ଷଣର ତଥ୍ୟ ଅନୁସାରେ ଉପରୋକ୍ତ ପାଞ୍ଚଟି ପଞ୍ଚାୟତରେ ଏମିତି ୯୧ଟି ପାନୀୟ ଜଳଉତ୍ସ ଅଛି ଯେଉଁଥିରେ ଫ୍ଲୋରାଇଡ୍‌ର ମାତ୍ରା ଲିଟର ପ୍ରତି ୧.୫ ମିଲିଗ୍ରାମ୍‌ରୁ ଅଧିକ। କିନ୍ତୁ ସରକାରଙ୍କ ଏମ୍‌ଆଇଏସ୍ ତଥ୍ୟ ଅନୁସାରେ ସେହି ପାଞ୍ଚଟି ପଞ୍ଚାୟତରେ କେବଳ ୯ଟି ଫ୍ଲୋରାଇଡ୍ ଅଧିକ ଥିବା ଉତ୍ସ ରହିଛି। ସେହିଭଳି ଅନ୍ୟଏକ ସରକାରୀ ତଥ୍ୟ ଅନୁସାରେ ୨୨ଟି ଫ୍ଲୋରାଇଡ୍ ଅଧିକ ଥିବା ଜଳଉତ୍ସ ରହିଛି। ଲୋକଙ୍କ ପରୀକ୍ଷଣରୁ ୧୭ଟି ଗାଁ ଫ୍ଲୋରାଇଡ୍ ଜଳଉତ୍ସ ଆକ୍ରାନ୍ତ ବୋଲି ଜଣାପଡ଼ିଥିବା ବେଳେ ସରକାରୀ ଏମ୍‌ଆଇଏସ୍‌ରେ କେବଳ ପାଞ୍ଚଟି ଗ୍ରାମ ଓ ଅନ୍ୟ ସରକାରୀ ତଥ୍ୟ ଅନୁସାରେ କେବଳ ଆଠଟି ଗ୍ରାମରେ ଫ୍ଲୋରାଇଡ୍ ଅଧିକ ଥିବା ଜଳଉତ୍ସ ରହିଛି ବୋଲି କୁହାଯାଇଛି।

"ସରକାରୀ ତଥ୍ୟ ଆଦୌ ଠିକ୍ ନୁହେଁ", କହନ୍ତି ପଞ୍ଚାୟତ ଜଳବନ୍ଧୁ କମିଟୀର ସଦସ୍ୟ। "ସେହି ପରୀକ୍ଷା କେବେ ହୋଇଛି ଓ କେମିତି ହୋଇଛି ଆମେ ଜାଣିନୁ, କିନ୍ତୁ ଆମେ ନିଜେ ପରୀକ୍ଷା କରି ଦେଖିଛୁ", କହନ୍ତି କୁରେଶ୍ୱର ଜଳବନ୍ଧୁ କମିଟୀର ସଦସ୍ୟ। ଗ୍ରାମ ଜଳପରିମଳ କମିଟୀ ତଥା ଜଳବନ୍ଧୁ କମିଟୀ ଜଳପରୀକ୍ଷଣ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ପଞ୍ଚାୟତକୁ ପ୍ରଦାନ କରିଛନ୍ତି। ଏବେ ପଞ୍ଚାୟତ ମଧ୍ୟ ଜଳର ମାନ ନେଇ ସକ୍ରିୟତା ଦେଖାଇବା ଆରମ୍ଭ କରିଛି। "ଆମେ ଜଳ ପରିମଳ ବିଭାଗକୁ ଏବେ ଚିଠି ଲେଖିବୁ। ସେମାନେ ଲୋକଙ୍କ ସମ୍ମୁଖରେ ଜଳ ପରୀକ୍ଷା କରି ସଠିକ ତଥ୍ୟ ଯେମିତି ଉପସ୍ଥାପନ କରିବେ", କହନ୍ତି ସାଇପଲାର ସରପଞ୍ଚ।

ଲୋକେ କରିଥିବା ଜଳ ପରୀକ୍ଷଣ ଦୁଇଟି ଉଦ୍ଦେଶ୍ୟ ସାଧିତ କରିପାରିଛି। ପ୍ରଥମରେ, ଲୋକେ ଅଧିକ ଭାବରେ ଫ୍ଲୋରାଇଡ୍ ଓ ଫ୍ଲୋରୋସିସ୍ ସଚେତନ ହେବା ସହିତ ନିଜର ପାନୀୟ ଜଳ ଉତ୍ସର ମାନ ଜାଣି ପାରିଛନ୍ତି। ଦ୍ୱିତୀୟରେ, ଲୋକେ ଆରସିଡିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପକଳ୍ପରେ ଆଗ୍ରହର ସହିତ ସାମିଲ ହେବାର ଏକ ଦୁର୍ବାର ଆକର୍ଷଣ ପାଇପାରୁଛନ୍ତି ଓ ନିଜର ପାନୀୟ ଜଳ ସମ୍ପର୍କିତ ଦାବୀକୁ କେମିତି ରଖିବେ ତଥା ଆବଶ୍ୟକତା ଓ ଦାୟିତ୍ୱକୁ କେମିତି ତୁଲାଇବେ ତାହାର ବାଟ ଖୋଜିବାର ମଉକା ପାଇପାରୁଛନ୍ତି। ପଙ୍କଜିନିଙ୍କ ଭାଷାରେ "ଆମେ ଜଳ ପରୀକ୍ଷଣରେ ଏବେ ସାକ୍ଷର"।


ଗ୍ରାମର ବିଭିନ୍ନ ଜଳଉତ୍ସର ପରୀକ୍ଷଣରେ ନିମଗ୍ନ ଆର୍‌ସିଡିସିର କର୍ମଚାରୀ

# ଛାତ୍ରଛାତ୍ରୀ ଦେଉଛନ୍ତି ପରିମଳ ବାର୍ତ୍ତା

**ବିଦ୍ୟାଳୟ ମାନଙ୍କରେ ଆରମ୍ଭ ହୋଇଛି ଜଳ ପରିମଳ ଶିକ୍ଷା । ଚିତ୍ର, ବକ୍ତୃତାରେ ଛାତ୍ରଛାତ୍ରୀ ଗାଉଛନ୍ତି ଜଳର ଗୁଣ ; ପ୍ରତ୍ୟକ୍ଷ ଅନୁଭୂତିରୁ ପ୍ରସ୍ଫୁଟିତ ହେଉଛି ଶିକ୍ଷା । ବିଦ୍ୟାଳୟରୁ ଯାଇ ଘରେ ଘରେ ଓ ଗାଁରେ ପହଞ୍ଚୁଛି ଜଳ ପରିମଳର ବାର୍ତ୍ତା ।**

ପ୍ରାର୍ଥନା ପରେ ପିଲାଏ ନିଜ ଭିତରୁ ବାଛିଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦେଖାଉଛନ୍ତି ହାତର ନଖ । ସ୍ୱାସ୍ଥ୍ୟମନ୍ତ୍ରୀ ନଖ କାଟି ନ ଥିଲେ ତୁରନ୍ତ କଟେଇ ନେବାର ବ୍ୟବସ୍ଥା କରୁଛନ୍ତି । କିଏ ମୁଣ୍ଡ କୁଣ୍ଡେଇ ପାରିନି, ମୁହଁ ହାତ ସଫା କରିନି, ମଇଳା ସାର୍ଟପେଣ୍ଟ ପିନ୍ଧିଛି ଦେଖି ବୁଝାଇ ଦେଉଛନ୍ତି । ଶ୍ରେଣୀକୁ ଯିବା ବେଳେ ଧାଡ଼ି ବାନ୍ଧି ହୋଇ ଯିବା, ପିଇବା ପାଣି ଥିବା ଜାଗାକୁ ସଫା ରଖିବା, ସେଥିରେ ହାତ ନ ବୁଡ଼େଇବା, ପାଇଖାନାରେ ଠିକ୍ ଭାବରେ ପାଣି ଢାଳିବା ଅଭ୍ୟାସ କରାଯାଉଛି । ନୂଆପଡ଼ା ଜିଲ୍ଲାର ପାଞ୍ଚଟି ପଞ୍ଚାୟତର ଛଅଟି ହାଇସ୍କୁଲ ଓ ୧୧ଟି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଏବେ ଏହା ଦେଖି ହେଉଛି । ଆରସିଡିସି କର୍ମୀମାନଙ୍କ ଲଗାତର ସମ୍ପର୍କ ଓ ଶିକ୍ଷକମାନଙ୍କ ଉଦ୍ୟମରୁ ଏହି ସଫଳତା ମିଳିଛି । "ଆରସିଡିସିର କର୍ମକର୍ତ୍ତାମାନେ ନିୟମିତ ଆମ ସହ ମିଶିଲେ, ପିଲାମାନଙ୍କ ମଧ୍ୟରେ ଜଳ ଓ ପରିମଳ ନେଇ ସଚେତନତା ବଢାଯାଇ ପାରିଲେ ତାହାର ପ୍ରଭାବ ଓ ପ୍ରତିଫଳନ ଗାଁ ଓ ପରିବାରମାନଙ୍କ ଉପରେ ପଡ଼ିବ ବୋଲି ବୁଝାଇଲେ । ପିଲାଙ୍କ ଆଚରଣ ଦେଖି ଅଭିଭାବକମାନେ ପ୍ରଭାବିତ ହେବେ । ଏହି ଲକ୍ଷ୍ୟରେ ପିଲାମାନଙ୍କୁ ଜଳଶିକ୍ଷିତ କରିବା ପାଇଁ ଆରସିଡିସିର ପ୍ରସ୍ତାବ ଖୁବ୍ ଉତ୍ତମ ହୋଇଥିବାରୁ ଆମ ବିଦ୍ୟାଳୟରେ ଆମେ ଏହାକୁ ଏବେ କାର୍ଯ୍ୟକାରୀ କରୁଛୁ", କହନ୍ତି କାଦୋମେରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଯାଦରାମ ବାରିକ ।

ହାତଧୂଆ ପ୍ରଣାଳୀ, ପିଇବା ପାଣିର ସଂରକ୍ଷଣ, ବ୍ୟକ୍ତିଗତ ପରିଚ୍ଛନ୍ନତାର ଆବଶ୍ୟକତା, ଜଳଜନିତ ରୋଗ, ବର୍ଷାଜଳ ଅମଳ, ପାଇଖାନା ଅଭ୍ୟାସ ସମ୍ପର୍କରେ ପ୍ରତିମାସରେ ଆମ ସ୍କୁଲରେ ଏକ ଆଲୋଚନା ହୁଏ । ବୈଠକରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ଆରସିଡିସିର କର୍ମୀଙ୍କ ସହିତ ବିଭିନ୍ନ ସମୟରେ ଶିକ୍ଷା କମିଟୀ ଓ ଜଳପରିମଳ କମିଟୀର ସଦସ୍ୟମାନେ ମଧ୍ୟ ଏକତ୍ରିତ ହୁଅନ୍ତି । ପିଲାମାନଙ୍କ ସହିତ ଆମର ମଧ୍ୟ ଜଳ, ପରିମଳ, ପରିଚ୍ଛନ୍ନତା ଉପରେ ଜ୍ଞାନ ବୃଦ୍ଧି ହୋଇଥିବା କହନ୍ତି ବେଲଟୁକୁରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁକାନ୍ତି ପୁଟେଲ ।



ପରିମଳ ଓ ଜଳ ସୁରକ୍ଷା ପାଇଁ ବିଦ୍ୟାଳୟରେ ସାମୁହିକ ଶପଥ ପାଠ



ବିଦ୍ୟାଳୟ ଜଳଶିକ୍ଷା କାର୍ଯ୍ୟକ୍ରମର ଏକ ଝଲକ

ବିଭିନ୍ନ ଜାତୀୟ ଦିବସ ଯଥା:- ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଗାନ୍ଧୀ ଜୟନ୍ତୀ ଭଳି ଦିନରେ ଜଳ ପରିମଳ ଓ ପରିଚ୍ଛନ୍ନତା ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ରଚନା ପ୍ରତିଯୋଗିତା ହୁଏ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। "ଏହିଭଳି ପ୍ରତିଯୋଗିତା ପ୍ରତି ଛାତ୍ରଛାତ୍ରୀ ବହୁତ ଆଗ୍ରହୀ ରହୁଛନ୍ତି ଓ ତାଙ୍କର ଜ୍ଞାନ ପିପାସା ବଢୁଛି", କହନ୍ତି ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ବାଗ।

ନୂଆଗାଁ ଗ୍ରାମ ପଞ୍ଚାୟତର ନୂଆଗାଁ, କାମକେଡ଼ା, ଠୁଟିବର ଓ କାଳିମାଟି ଗାଁରେ ଥିବା ଆଠଟି ପ୍ରାଥମିକ ବିଦ୍ୟାଳୟ ଓ ଦୁଇଟି ହାଇସ୍କୁଲର ପ୍ରାୟ ୨୦୦ ଛାତ୍ରଛାତ୍ରୀ ପିଇବା ପାଣିର ଗୁଣ, ସାଇତି ରଖିବା ଉପାୟ ଓ ବ୍ୟକ୍ତିଗତ ପରିଚ୍ଛନ୍ନତାର ଆବଶ୍ୟକତା ଉପରେ ଅଧିକ ଜ୍ଞାନ ହାସଲ କରିପାରିଛନ୍ତି କହନ୍ତି ଆରସିଡିସିର ସଂଗଠକ ଆଶିଷ ଖମାରୀ। ଅନ୍ୟ ପଞ୍ଚାୟତମାନଙ୍କରେ ମଧ୍ୟ ସେହିଭଳି ସ୍ଥିତି। ନୂଆପଡ଼ାରେ ଫ୍ଲୋରାଇଡ୍ ଆକ୍ରାନ୍ତ ଜଳଉତ୍ସ ଓ ଫ୍ଲୋରୋସିସ୍ ରୋଗର ସମସ୍ୟାକୁ ଦୃଷ୍ଟିରେ ରଖି ଜଳ ପରୀକ୍ଷଣ କରିବା ପ୍ରଣାଳୀ ବିଷୟରେ ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତି ହାସଲ କରିପାରୁଛନ୍ତି।

ଶିକ୍ଷା ଅଧିକାର ଆଇନରେ ବିଦ୍ୟାଳୟର ଶୌଚାଳୟ ଓ ପରିମଳ ବ୍ୟବସ୍ଥା କଥା କୁହାଯାଇଛି। ପିଲାମାନେ ଯଦି ପାଇଖାନା ପରିଚାଳନା ଭଲଭାବେ କରିପାରିଲେ ତେବେ ପରିମଳ ଶିକ୍ଷା ସଫଳ ହୋଇପାରିବ। ନୂଆପଡ଼ା ଜିଲ୍ଲାର ବିଦ୍ୟାଳୟମାନଙ୍କରେ ଏହାର ଆଭାସ ମିଳୁଛି।

# ବାଟ ଦେଖାଇବ ଜଳ ସୁରକ୍ଷା ଯୋଜନା

**ନୂଆପଡ଼ା ଜିଲ୍ଲାର ଗ୍ରାମବାସୀ ପ୍ରସ୍ତୁତ କରୁଛନ୍ତି ନିଜର ଓ ନିଜଗାଁର ଜଳସୁରକ୍ଷା ଯୋଜନା । ଆବଶ୍ୟକତା, ଉପଲବ୍ଧିତା, ସମ୍ପଦ, ବିପଦ, ସମ୍ଭାବନା, ଆଶଙ୍କା ଆଦିର ଆକଳନରୁ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ହେଉଛି ଯୋଜନାବଦ୍ଧ ପ୍ରସ୍ତୁତି ।**

ଅନୁନ୍ନତ ମରୁଡ଼ି ପ୍ରପୀଡିତ ତଥା ଫ୍ଲୋରୋସିସ୍ ଆକ୍ରାନ୍ତ ନୂଆପଡ଼ା ଜିଲ୍ଲାର କିଛି ଗ୍ରାମରେ ଗ୍ରାମବାସୀ ପ୍ରସ୍ତୁତ କରୁଛନ୍ତି ନିଜ ପାଇଁ ଓ ନିଜ ଗାଁ ତଥା ପଞ୍ଚାୟତ ପାଇଁ ଜଳ ସୁରକ୍ଷା ଯୋଜନା । ୱାଟରଏଡ୍‌ର ଆର୍ଥିକ ସହାୟତାରେ ଆରସିଡିସି କାର୍ଯ୍ୟକାରୀ କରୁଥିବା ପ୍ରକଳ୍ପ ଅଧୀନରେ ଥିବା ୨୯ଟି ଗ୍ରାମର ଗ୍ରାମବାସୀ ଆରମ୍ଭ କରିଛନ୍ତି ଏହି ପ୍ରସ୍ତୁତି । ସଂଧ୍ୟା ହୋଇଗଲେ; ନ ହେଲେ ମଧ୍ୟାହ୍ନରେ ଗାଁ ଗାଁରେ ଚାଲିଛି ଏଥିପାଇଁ ବୈଠକ ।

ଏହି ପ୍ରକ୍ରିୟାରେ ସାମିଲ ହୋଇ ଗ୍ରାମବାସୀମାନେ ଗାଁ ଭିତରେ ଓ ବାହାରେ ଥିବା ଜଳଉତ୍ସ, ସେଗୁଡିକର ସ୍ଥିତି, ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧିତା, ବ୍ୟବହାରିକ ସ୍ଥିତି, ବ୍ୟବହାରର ଧାରା ଆଦି ସମ୍ପର୍କରେ ଆକଳନ କରିଛନ୍ତି । ବର୍ତ୍ତମାନର ଆକଳନ ସହିତ ଭବିଷ୍ୟତର ସ୍ଥିତି, ସମ୍ଭାବନା ଓ ଆବଶ୍ୟକତା ହିସାବକୁ ନେଇ ସେମାନେ ପ୍ରସ୍ତୁତ କରୁଛନ୍ତି ନିଜ ଯୋଜନା । ଅତି ସହଜ ଓ ସରଳ ପନ୍ଥାରେ ପାନୀୟ ଜଳର ଆବଶ୍ୟକତା, ପିଇବା ପାଇଁ ପଶୁପକ୍ଷୀଙ୍କ ଆବଶ୍ୟକତା, ଚାଷ ପାଇଁ ବାସ୍ତବ ଆବଶ୍ୟକତା, ପରିବେଶର ଆବଶ୍ୟକତା ତଥା ଅନ୍ୟାନ୍ୟ ଜରୁରୀ ଆବଶ୍ୟକତାର ଆକଳନ କରୁଛନ୍ତି ଲୋକେ । ରୋଗବିରାଗ, ସନ୍ତୁଷ୍ଟି ଓ କଷ୍ଟର କାରଣ ଓ ସ୍ଥିତି ଅନୁଧ୍ୟାନ ହେଉଛି । ପାଣି କେଉଁଠୁ ଆସୁଛି, କେମିତି ଆସୁଛି, କିଏ କଣ କରୁଛନ୍ତି ସବୁରି ଚର୍ଚ୍ଚା ହେଉଛି । ନିଜ ଗାଁ ବ୍ୟତୀତ ନିଜର ପଡ଼ୋଶୀ ଗାଁର ସ୍ଥିତିର ମଧ୍ୟ ଆଲୋଚନା ହେଉଛି ।

ନିପଟ ମଫସଲର ଏହି ଆଦିବାସୀ, ହରିଜନ ବହୁଳ ଗାଁମାନଙ୍କର ଲୋକେ ଏଇଥିପାଇଁ ଅନୁସରଣ କରୁଛନ୍ତି ସମୟରେଖା, ଐତିହାସିକ ଗତି ଚିତ୍ର, ସମୟ ଧାରା, ଋତୁକାଳୀନ ମାନଚିତ୍ର, ରୁଟି ଚିତ୍ର, ସମ୍ପଦମାନଚିତ୍ର ଭଳି ସରଳ ପନ୍ଥା ।



ଚାଲିଛି ଜଳ ନିରାପତ୍ତା ଯୋଜନାର ପ୍ରସ୍ତୁତି କାର୍ଯ୍ୟକ୍ରମ

### ଯୋଜନା ତିଆରିରେ ମିଳୁଥିବା ଫାଇଦା

- ଜଳର ଉପଲବ୍ଧତା, ଆବଶ୍ୟକତା, ସମସ୍ୟା ଓ ସମାଧାନରେ ମାର୍ଗଦର୍ଶନ ମିଳିବ
- ବର୍ତ୍ତମାନର ଜଳ ଅସୁରକ୍ଷିତାକୁ ଦୂର କରିବାର ପନ୍ଥା ଚିହ୍ନଟ ହେବ
- ମଧ୍ୟମକାଳୀନ ଓ ଦୀର୍ଘକାଳୀନ ଜଳ ସଙ୍କଟ ସମସ୍ୟାର ସମାଧାନ ବାଟ ମିଳିବ
- ସୁଷମ ବଣ୍ଟନ ଓ ବିନିଯୋଗ ପାଇଁ ବାଟ ମିଳିବ
- ଜଳ ପରିଚାଳନା, ଉତ୍ସଗୁଡିକର ସୁରକ୍ଷା, ସଂରକ୍ଷଣ, ଖନନ ଆଦିର ସଠିକ ଓ ସମୟୋଚିତ ନିଷ୍ପତ୍ତି ହୋଇପାରିବ
- ସରକାରୀ ଓ ବେସରକାରୀ ଯୋଜନାର ଲାଭ ନିଆଯାଇ ପାରିବ
- ନିଜର ଅଧିକାର ଓ ଦାୟିତ୍ୱର ସଚେତନତା ଆସିବ

"ଆରସିଡିସି ପକ୍ଷରୁ ଆମକୁ ସବୁବେଳେ ପ୍ରେରଣା ଓ ସହାୟତା ମିଳୁଛି । ଆରସିଡିସି ଆମକୁ ବେସ୍‌ଲାଇନ୍ ତଥ୍ୟ ଏବଂ ଜିଆଇଏସ୍ ଓ ଗୁଗଲ୍ ଆର୍ଥ୍ ଭଳି ଆଧୁନିକ ବୈଷୟିକ ତଥ୍ୟ ପ୍ରଦାନ କରୁଛି ଯାହା ଆମକୁ ପ୍ରଭୁତ ଭାବରେ ସାହାଯ୍ୟ କରୁଛି", କହନ୍ତି ବର୍ତ୍ତମାନ ଜିଲ୍ଲା ଜଳବନ୍ଧୁ ମଞ୍ଚର ଅଗ୍ରଣୀ ସଦସ୍ୟ ତଥା କୋମନା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଭକ୍ତରାମ ଶବର । "ଆମେ ବର୍ଷବର୍ଷ ଧରି ଏହି ଗାଁରେ ରହି ଆସିଛୁ । କିନ୍ତୁ ଜଳଉତ୍ସ ଗୁଡ଼ିକୁ ନେଇ ବଜେଟ୍ ତିଆରି କଥା ଭାବି ନ ଥିଲୁ କି ସେଭଳି ଏକ ଆବଶ୍ୟକତା ଅଛି ବୋଲି ଅନୁଭବ କରି ନଥିଲୁ । ଏବେ ଆମେ ଗାଁରେ ଜଳ ନିରାପତ୍ତା ଯୋଜନା ତିଆରି କରୁଛୁ । ଗାଁରେ ଜଣେ ବ୍ୟକ୍ତି ମଧ୍ୟ ଯେପରି ଜଳ ଅସୁରକ୍ଷିତ ନହେବ ତାହାର ଚିନ୍ତା କରୁଛୁ । ବିଭିନ୍ନ ସରକାରୀ ଯୋଜନାର ଲାଭ ନେବା ସହିତ ନିଜର ଭୂମିକା ବିଷୟରେ ସ୍ୱଷ୍ଟ ହେବା ପାଇଁ ଏହା ଆମକୁ ସାହାଯ୍ୟ କରିବା ତଥା ଆମର ଭବିଷ୍ୟତ ପୀଢ଼ିକୁ ବିପଦରୁ ମୁକ୍ତି ଦେବ ବୋଲି ଆଶା କରୁଛୁ", କହନ୍ତି ବେଲଟୁକୁରି ପଞ୍ଚାୟତ ସିଙ୍ଗପୁର ଗ୍ରାମ୍ୟ ଜଳ ପରିମଳ କମିଟିର ସଭାପତି ନାରାୟଣ ଚନ୍ଦ୍ରକାର ।

ଏବେ ପ୍ରଥମ ପର୍ଯ୍ୟାୟରେ ଗ୍ରାମ୍ୟ ଜଳ ସୁରକ୍ଷା ଯୋଜନା ପ୍ରସ୍ତୁତ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମର ଯୋଜନାକୁ ମିଶାଇ ପଞ୍ଚାୟତ ଯୋଜନା ପ୍ରସ୍ତୁତ କରିବାର ଯୋଜନା ଅଛି ବୋଲି କହନ୍ତି ଶ୍ରୀ ଚନ୍ଦ୍ରକାର ।

# ନିଆରା ଗୋଷ୍ଠୀ ସଂଗଠନ: ଗ୍ରାମଜଳ ଓ ପରିମଳ କମିଟି

ଜଳ ପରିମଳ ତଥା ପରିଚ୍ଛନ୍ନତା କାର୍ଯ୍ୟକ୍ରମରେ ଲୋକ ଓ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସେତୁଟିଏ ଭଳି କାମ କରିବାକୁ ଗଢ଼ାଯାଇଛି ଗ୍ରାମ୍ୟସ୍ତରୀୟ ଜଳ ଓ ପରିମଳ କମିଟି । ଆର୍‌ସିଡିସି ଉଦ୍ୟମରେ ଏବଂ ୱାଟରଏଡ୍ ସହାୟତାରେ ନୂଆପଡ଼ା ଜିଲ୍ଲାରେ ୨୦୧୩ ଠାରୁ ଜଳର ଗୁଣାତ୍ମକମାନ ସଂପର୍କିତ ପ୍ରକଳ୍ପ ଆରମ୍ଭ ହେବା ଦିନ ଠାରୁ ଏଭଳି କମିଟିମାନ ଗଢ଼ା ଯାଇଛି । ବେଲଟୁକୁରୀ ପଞ୍ଚାୟତର ୮ଟି ଗାଁ, ଭାଲେଶ୍ୱର ପଞ୍ଚାୟତରେ ୮ଟି, ନୂଆଗାଁ ଗ୍ରାମ ପଞ୍ଚାୟତର ୪ଟି, କୁରେଶ୍ୱର ପଞ୍ଚାୟତର ୫ଟି ଏବଂ ସାଇପଲା ପଞ୍ଚାୟତର ୪ଟି ରାଜସ୍ୱ ଗ୍ରାମରେ ଏଭଳି ମୋଟ ୨୯ଟି ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଢ଼ାଯାଇଛି ।

ଗାଁରେ ଥିବା ସ୍ୱୟଂ ସହାୟକ ଦଳ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଯୁବକସଂଘ, ପାରମ୍ପରିକ ଦଳ, ଶିକ୍ଷକ ଆଦି ପ୍ରତ୍ୟେକ ଗୋଷ୍ଠୀର ପ୍ରତିନିଧିତ୍ୱ ରଖାଯାଇ ଏହି ଗ୍ରାମ ଜଳ ଓ ପରିମଳ କମିଟି ଗଢ଼ାଯାଇଛି । ପ୍ରତ୍ୟେକ କମିଟିରେ ସର୍ବନିମ୍ନ ୧୧ ଜଣ ସଦସ୍ୟଙ୍କୁ ମନୋନୟନ କରାଯାଇଛି ।

ଆର୍‌ସିଡିସିର ନୂଆପଡ଼ା ପ୍ରକଳ୍ପର ପ୍ରାକ୍ ପର୍ଯ୍ୟାୟରେ ଗାଁସ୍ତରୀୟ କମିଟିଗୁଡ଼ିକ ଗଢ଼ାଯାଇଥିଲା । କର୍ମକର୍ତ୍ତା ଗ୍ରାମ ବୈଠକରେ ମନୋନୀତ ହୋଇଥିଲେ । ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ବ୍ଲକ ତଥା ଜିଲ୍ଲାସ୍ତରରେ ଆୟୋଜିତ ହୋଇଥିଲା । ଗ୍ରାମ୍ୟସ୍ତରୀୟ କମିଟିମାନଙ୍କର ଦାୟିତ୍ୱକୁ ଦୃଷ୍ଟିରେ ରଖି ତାଲିମ ଖସଡ଼ା ପ୍ରସ୍ତୁତ ହୋଇଥିଲା ଏବ ଅଭିଜ୍ଞ ତାଲିମଦାତାମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା । ସଦସ୍ୟମାନେ ନିଜ ଦାୟିତ୍ୱକୁ ବୁଝି କିଭଳି ସଫଳ ଭାବେ ତୁଲାଇ ପାରିବେ ସେ ଦିଗରେ ପ୍ରଥମରୁ ରୂପରେଖ ପ୍ରସ୍ତୁତ ହୋଇଥିଲା ।

ଗ୍ରାମ୍ୟ ଜଳ ଓ ପରିମଳ କମିଟିର ସଦସ୍ୟମାନେ ପ୍ରଶିକ୍ଷଣ ନେବା ପରେ ସେମାନଙ୍କ ଆବାହକତ୍ୱରେ ଗାଁ ବୈଠକଗୁଡ଼ିକ ଆୟୋଜନ କରାଯାଇଛି । ଜଳଉତ୍ସଗୁଡ଼ିକର ଚିହ୍ନଟ, ସେଗୁଡ଼ିକର ମାନ ବଜାୟ ରଖିବା, ଗାଁ ଚାରିପାଖ ସଫା ସୁତୁରା ରଖିବାର ଆବଶ୍ୟକତା କ'ଣ, ପରିମଳ ଅଭାବରୁ ଗାଁରେ ଦେଖାଯାଉଥିବା ରୋଗ ପାଇଁ ଲୋକଙ୍କ ଉପରେ ପଡୁଥିବା ବ୍ୟୟର ବୋଝ ସଂପର୍କରେ ନିରନ୍ତର ଆଲୋଚନା ଫଳପ୍ରଦ ହେବାରେ ଦେଖାଯାଇଥିଲା ।

ବେଲଟୁକୁରୀ ପଞ୍ଚାୟତର ସିଙ୍ଗପୁର ଗାଁ ଜଳ ଓ ପରିମଳ କମିଟି, ଭାଲେଶ୍ୱର ଗ୍ରାମ ପଞ୍ଚାୟତର କନ୍ଦାଡାପ ଗ୍ରାମ୍ୟ ଜଳ ପରିମଳ କମିଟି, କୁରୁମୁଣ୍ଡା ଓ ଟାମକିଦାଦର, ନୂଆଗାଁ ପଞ୍ଚାୟତର କମ୍‌କେଡ଼ା ଓ କୁରେଶ୍ୱର ପଞ୍ଚାୟତର ଖଇରଭାଡ଼ି ଗ୍ରାମ ଜଳ ଓ ପରିମଳ କମିଟି ଗାଁ ସଫେଇ, ପରିମଳ ଅଭିଯାନ, ଜଳ ଉତ୍ସର ରକ୍ଷଣାବେକ୍ଷଣ ଓ ଫ୍ଲୋରାଇଡ୍ ପ୍ରଦୂଷଣ ଦିଗରେ ସଚେତନତା ସୃଷ୍ଟି କରି ପରିବର୍ତ୍ତନ ଆଣି ପାରିଛନ୍ତି ।

# ନିଆରା ବନ୍ଧୁ 'ଜଳବନ୍ଧୁ'

ସଂପ୍ରତି ନୂଆପଡ଼ା ଜିଲ୍ଲାର ବେଲଟୁକୁରୀ, ଭାଲେଶ୍ୱର ନୂଆଗାଁ, କୁରେଶ୍ୱର ଓ ସାଇପଲା ଆଦି ୫ଟି ଗ୍ରାମ ପଞ୍ଚାୟତରେ ୫ଟି ପଞ୍ଚାୟତସ୍ତରୀୟ ଜଳବନ୍ଧୁ ନେଟ୍‌ୱାର୍କ ଗଢ଼ାଯାଇଛି । ଗ୍ରାମ୍ୟସ୍ତରୀୟ ଜଳ ଓ ପରିମଳ କମିଟିର ନିର୍ବାଚିତ ସଦସ୍ୟମାନଙ୍କ ସହ ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧି, ପାଞ୍ଚଟି ସରକାରୀ ବିଭାଗର ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ଜଳବନ୍ଧୁ କମିଟିରେ ସଦସ୍ୟ କରାଯାଇଛି ।

ଜଳବନ୍ଧୁ କମିଟିର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ବୈଠକର ଆୟୋଜନ କରାଯାଉଛି । ପ୍ରତ୍ୟେକ ବର୍ଗର ପ୍ରତିନିଧିତ୍ୱ ରହିବା ଭଳି ପ୍ରକ୍ରିୟା ନିଆଯାଇଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ବର୍ଗଙ୍କ ସ୍ୱର ବୈଠକରେ ବେଶ୍ ଶୁଣାଯାଉଛି ।

ଆର୍‌ସିଡିସି, ସରକାରୀ ସଂସ୍ଥା ଓ ଲୋକଙ୍କ ମଧ୍ୟରେ ଜଳ ଓ ପରିମଳକୁ ନେଇଥିବା ବିଶ୍ୱାସ, ମତ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ଦିଗରେ ଜଳବନ୍ଧୁ ନେଟ୍‌ୱାର୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି । ପାଇପ୍ ବିଛାଇବା କାମର ତଦାରଖ, ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର, ଜଳ ବିତରଣ ପାଇଁ କ୍ରିୟାଶୀଳ ପରିଚାଳନା ପମ୍ପ ଘରଗୁଡ଼ିକର ରକ୍ଷଣାବେକ୍ଷଣ, ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରାଇବା ଆଦି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳତା ମିଳିଥିବା କହନ୍ତି ବେଲଟୁକୁରୀ ଜଳବନ୍ଧୁ କମିଟିର ପ୍ରମୁଖ କର୍ମକର୍ତ୍ତା ନାରାୟଣ ଚନ୍ଦ୍ରକାର ଓ ପରେଶ ରାମ ପାଣ୍ଡେ ।

ବିଭିନ୍ନ ପଞ୍ଚାୟତରେ ଜଳବନ୍ଧୁ ଅଗ୍ରଣୀ ଭୂମିକା ନେବା ଆରମ୍ଭ କଲେଣି । ଉଦାହରଣ ସ୍ୱରୂପ, କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତର ୫ଟି ଜଳ ପରିମଳ କମିଟ ପ୍ରତିନିଧିଙ୍କ ଯୋଗଦାନରେ ଗଠିତ ଜଳବନ୍ଧୁ କମିଟି ସରକାରଙ୍କ ଜଳ ଓ ପରିମଳ ବିଭାଗ ସହ ଯୋଗାଯୋଗ କରି ୪୨୧ ବ୍ୟକ୍ତିଗତ ଶୌଚାଳୟ ସୁବିଧା – ପାଇଖାନା ନଥିବା ପରିବାରଗୁଡ଼ିକ ପାଇଁ ଯୋଗାଇ ଦେଇପାରିଛି ।



**Regional Centre for Development Cooperation**
HIG-26, K- Housing Scheme, Phase-II, Kalinga Vihar,
Bhubaneswar-751019, Odisha, India
Tele-fax: +91 (674) 2475410, 2475652
E-mail: rcdcbbsr@gmail.com
Website: www.rcdcindia.org